**ସ୍ୱେଚ୍ଛାକୃତ ରକ୍ତଦାନ ଶିବିର**

ବେଲପଡ଼ା,(ମନୋଜ କୁମାର ମିଶ୍ର): ତେରାପନ୍ଥ ଯୁବ ପରିଷଦ ବେଲପଡ଼ା ଆନୁକୂଲ୍ୟରେ ସ୍ଥାନୀୟ ତେରାପନ୍ଥ ଭବନଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବେଲପଡ଼ା ଥାନା ଅଧିକାରୀ ସୁକାନ୍ତ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିବିରରେ ୨୮ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ପାଟଣାଗଡ଼ ରକ୍ତ ଭଣ୍ଡାରରୁ ଟେକନିସିଆନ ବୁଲା ସାମଲ ରକ୍ତ ସଂଗ୍ରହ କରିଥିଲେ। ସମାଜସେବୀ ଶଙ୍କର ପ୍ରସାଦ ଜୈନ, ନବୀନ ଜୈନ, ବଜରଙ୍ଗ ଜୈନ, ତେରପନ୍ଥ ଯୁବ ପରିଷଦର ଗୌତମ ପ୍ରସାଦ ଜୈନ, ପିଣ୍ଟୁ ଜୈନ, ହରିଶ ଜୈନ, ରୂପେଶ ଜୈନଙ୍କ ତତ୍ତ୍ୱାବଧାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ମେରାଦେଶ୍ ମେରା ମିଟି କାର୍ଯ୍ୟକ୍ରମ

ସଇଁତଲା,୧।୧୦(ରାଖାଲ ପ୍ରସାଦ ଶତପଥି)

ସଇଁତଲା ବ୍ଲକ ବିବିନା ପଞ୍ଚାୟତ ଛକୋରବାଞ୍ଜିଠାରେ ବଲାଙ୍ଗୀର ନେହେରୁ ଯୁବକେନ୍ଦ୍ର ଓ ସ୍ଥାନୀୟ ନେହେରୁ ଯୁଥ କ୍ଲବ ଆନୁକୂଲ୍ୟରେ ମେରା ଦେଶ୍ ମେରା ମିଛି କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ସଙ୍ଗୀତା କୁମାରୀ ସିଂ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରାମର ପ୍ରତ୍ୟେକଙ୍କ ଘରୁ ମାଟିସଂଗ୍ରହ କରିଥିଲେ। ଏହିଅବସରରେ ବ୍ଲକ ଅନ୍ତର୍ଗତ କରମତଲା ପଞ୍ଚାୟତର ଗୁରମୁନୀର ସହୀଦ ଯବାନ ଥବୀର ବୁଡ଼େକଙ୍କ ସ୍ତ୍ରୀ ରୀନାଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା।

### କୃତୀ ପ୍ରତିଯୋଗୀ ସମ୍ବର୍ଦ୍ଧିତ

ଖପ୍ରାଖୋଲ,୧।୧୦(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ହାଇସ୍କୁଲ ପରିସରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଅଜୟ କୁମାର ଭୋଇ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପବିତ୍ର ପଟେଲ, ମୁଖ୍ୟବକ୍ତା ପରିବେଶକର୍ମୀ ଅଭୟ ତ୍ରିପାଠୀ, ସମ୍ମାନିତ ଅତିଥି ପୂର୍ବତନ ସମିତି ସଭ୍ୟ ଶୋଭନ ମୟ, ଏମବିକେ ମାଧୁରି ଦୀପ, ଜିପିଏଲଏଫ ସଭାନେତ୍ରୀ ପଦ୍ମା ବରିହା, ପିଇଓ ପୃଥ୍ୱୀରାଜ ରାଉତ, ଜିଆରଏସ ନୀଳମଣି ଜାଲ ଯୋଗଦେଇ ସ୍ୱଚ୍ଛତା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଏକ ଘଣ୍ଟା ପାଇଁ ପାର୍କ ପରିସର, ରାସ୍ତାକଡ ସଫେଇ କରାଯାଇଥିଲା।

### ବ୍ଲକସ୍ତରୀୟ ସଦ୍‌ଭାବନା ବୈଠକ

ଲୋଇସିଂହା,୧।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ରଘୁନାଥ ଜୀ ମନ୍ଦିର ପରିସରରେ ବ୍ଲକସ୍ତରୀୟ ସଦ୍‌ଭାବନା ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱହିନ୍ଦୁ ପରିଷଦର ଲୋଇସିଂହା ପ୍ରଖଣ୍ଡ ସଭାପତି ରାମଚନ୍ଦ୍ର ପଟେଲ ଅଧ୍ୟକ୍ଷତା କରିଥିଲେ। ହିନ୍ଦୁ ଅସମିତାକୁ ବଜାୟ ରଖିବାକୁ ସେ ଆହ୍ୱାନ ଜଣାଇଥିଲେ। ଅଖଣ୍ଡ ଭାରତ ଓ ପ୍ରେମ ଆମ ଭିତରେ ଜାଗ୍ରତ ରହିବା ହେଉଛି ସଦ୍‌ଭାବନା ବୈଠକର ମୂଳଉଦ୍ଦେଶ୍ୟ ବୋଲି ସେ କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଜିଲା ସମ୍ପାଦକ ଯୋଗେନ୍ଦ୍ର ଦାଶ, ବିଶ୍ୱ ହିନ୍ଦୁ ପରିଷଦ ଜିଲା ସମ୍ପାଦକ ପ୍ରହଲ୍ଲାଦ ସାହୁ, ବିଶ୍ୱହିନ୍ଦୁ ପରିଷଦ ଜିଲା ଧର୍ମାଚାର୍ଯ୍ୟ ପ୍ରମୁଖ ସମ୍ପୂର୍ଣ୍ଣ କୁମାର ବଢାଇ, ଜିଲା ଧର୍ମପ୍ରଚାର ମୁଖ୍ୟ ଗୌରନିତାଇ ପତ୍ରିମାଲି, କାର୍ଯ୍ୟବାହକ ଅବିନାଶ ମିଶ୍ର ବୈଠକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।

### ପାରିପାର୍ଶ୍ୱିକ ପରିବେଶ ସ୍ୱଚ୍ଛ ରଖିବାକୁ ଆହ୍ୱାନ

ଦେଓଗାଁ,୧।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ସମେତ ସମସ୍ତ ୨୬ ପଞ୍ଚାୟତରେ ରବିବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେଓଗାଁ ବ୍ଲକରେ ବିଡିଓ ସୁରେନ୍ଦ୍ର କୁମାର ମେହେରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ ଯୋଗଦେଇ ନିଜ ପାରିପାର୍ଶ୍ୱିକ ପରିବେଶକୁ ସ୍ୱଚ୍ଛ ରଖିବାପାଇଁ ଆହ୍ୱାନ ଦେଇଥିଲେ। ହାତିସରା ପଞ୍ଚାୟତରେ ମୁଖ୍ୟଅତିଥିଭାବେ ସମିତି ସଭ୍ୟ ବିଶ୍ୱଜିତ ପାତ୍ର, ସମ୍ମାନୀତ ଅତିଥିଭାବେ ରିଲାଏନ୍ସ ଫାଉଣ୍ଡେସନ ଓ୍ୱାଇସିଡିଏ ବ୍ଲକ ସଂଯୋଜକ ରୁଦ୍ର ବଗର୍ତ୍ତି, ଏଫଇଏସର ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ, ରାମଚନ୍ଦ୍ର ଶତପଥୀ ଯୋଗଦେଇଥିଲେ। ଏମବିକେ, ସିଆରପି, ସିଏମ, ଏସ୍‌ଏଚ୍‌ଜି ସଦସ୍ୟା ଓ ୱାର୍ଡସଭ୍ୟମାନେ ପଞ୍ଚାୟତ ପରିସରକୁ ସଫେଇ କରିଥିଲେ।



ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ସମାରୋହରେ ମଞ୍ଚାସୀନ ଅତିଥି।

# ବୃଦ୍ଧାବୃଦ୍ଧଙ୍କୁ ସୁରକ୍ଷା, ସମ୍ମାନ ମିଳୁନାହିଁ

**ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ସମାରୋହ**

ବଲାଙ୍ଗୀର,୧।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଟାଉନ୍ ହାଲଠାରେ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ରବିବାର ଆନ୍ତର୍ଜାତିକ ବରିଷ୍ଠ ନାଗରିକ ସୁରକ୍ଷା ଦିବସ ସମାରୋହ ପାଳନ କରାଯାଇଥିଲା। ଉପଜିଲାପାଳ ତରଣୀ ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଅତିଥି ଭାବେ ବର୍ଷୀୟାନ୍ ସମାଜସେବୀ ବିକ୍ରମାନନ୍ଦ ବହିଦାର, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସଂସ୍କୃତି ଗବେଷକ ଗୁରୁଶ୍ରୀ ଘାସିରାମ ମିଶ୍ର, ବରିଷ୍ଠ ନାଗରିକ ବସନ୍ତ ଆଚାର୍ଯ୍ୟ ମଞ୍ଚାସୀନ ଥିଲେ। ସଭାକୁ ବିଶିଷ୍ଟ କବି ଓ ନାଟ୍ୟକାର ବିଜୟ କୁମାର ତ୍ରିପାଠୀ ସଂଯୋଜନା କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା ସ୍ୱାଗତ ବକ୍ତବ୍ୟ ଦେଇଥିଲେ।

ଅତିଥିମାନେ କହିଥିଲେ ଯେ, ସମାଜ ବ୍ୟବସ୍ଥାରେ ବରିଷ୍ଠ ନାଗରିକଙ୍କ ଏକ ପ୍ରମୁଖ ଭୂମିକା ରହିଛି। ସେମାନେ ଅନୁଭୂତିସମ୍ପନ୍ନ ଓ ଅଭିଜ୍ଞ। କୌଣସି ସ୍ଥାନରେ ବାଟ ହୁଡିଲେ କନିଷ୍ଠଙ୍କୁ ବରିଷ୍ଠମାନେ ବାଟ ବତାଇ ଦିଅନ୍ତି। ହେଲେ ଆଜିର ସମାଜ ବରିଷ୍ଠମାନଙ୍କୁ ଉପେକ୍ଷା କରିଚାଲିଛି। ସେମାନଙ୍କ ଜ୍ଞାନ ଓ ଅଭିଜ୍ଞତାକୁ ଆଉ ସମ୍ମାନ ମିଳୁନାହିଁ। ଘରେ ଘରେ ବିରଷ୍ଠ ନାଗରିକମାନେ ଅନେକ ଅସହାୟତା ଦେଇ ଗତି କରୁଛନ୍ତି। ସେମାନଙ୍କ ସାମାଜିକ ସୁରକ୍ଷା ବିପନ୍ନ ହୋଇପଡିଛି। ସେମାନଙ୍କୁ ଉଚିତ୍ ସମ୍ମାନ ଓ ସୁରକ୍ଷା ମିଳୁନାହିଁ। ବରିଷ୍ଠ ନାଗରିକମାନେ ଘୋର ମାନସିକ ଚାପରେ ରହୁଛନ୍ତି। ଏଭଳି ସମୟରେ ବରିଷ୍ଠ ନାଗରିକଙ୍କ ପାଇଁ କେବଳ ଆଇନ ବ୍ୟବସ୍ଥା କରିଦେଲେ ବ୍ୟବସ୍ଥା ସୁଧୁରିବ ନାହିଁ। ସାମାଜିକ ସ୍ତରରେ ବରିଷ୍ଠଙ୍କ ପ୍ରତି ସମ୍ମାନ ଓ ସୁରକ୍ଷା ନ ବଢ଼ିଲେ ଆଗକୁ ମହାସଙ୍କଟ ଦେଖାଦେବ ବୋଲି ଅତିଥିମାନେ କହିଥିଲେ।

ସଭାପତୀୟ ଅଭିଭାଷଣରେ ଉପଜିଲାପାଳ ସୁନା ସମାଜିକ ବ୍ୟବସ୍ଥାରେ ବରିଷ୍ଠ ନାଗରିକ ଭୂମିକା ଏବଂ ଗୁରୁତ୍ୱ ଉପରେ କହିଥିଲେ। ନ୍ୟାୟିକ ବ୍ୟବସ୍ଥା ସହ ସାମାଜିକସ୍ତରରେ ବରିଷ୍ଠ ନାଗରିକଙ୍କ ସୁରକ୍ଷା ସଶକ୍ତ ହେଲେ ସମାଜ ମଧ୍ୟ ସଶକ୍ତ ହେବ ବୋଲି ସେ କହିଥିଲେ। ସଭା ପ୍ରାରମ୍ଭରେ ବିଭିନ୍ନ ସ୍ଥାନରୁ ଆସିଥିବା ଶତାଧିକ ବରଷ୍ଠ ନାଗରିକଙ୍କୁ ପ୍ରଶାସନ ପକ୍ଷରୁ ଫୁଲ, ଚନ୍ଦନ ଏବଂ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଟାଉନ୍ ହଲ ସମ୍ମୁଖରେ ବୃଦ୍ଧାବୃଦ୍ଧ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ଭ୍ରାମ୍ୟମାଣ ଚିକିତ୍ସା ସେବା ଶିବିର ଆୟୋଜନ କରାଯାଇଥିଲା। ଏଠାରେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲର ବରିଷ୍ଠ ମେଡିସିନ୍ ସ୍ପେଶାଲିଷ୍ଟ ଡା ଶ୍ରୀନିବାସ ସାହୁ ବୃଦ୍ଧାବୃଦ୍ଧଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପରାମର୍ଶ କରିଥିଲେ। ଏଠାରେ ବରିଷ୍ଠ ନାଗରିକଙ୍କ ମଧୁମେହ, ଉଚ୍ଚରକ୍ତଚାପ ପରୀକ୍ଷା କରାଯିବା ସହ ଔଷଧ ବଣ୍ଟନ କରାଯାଇଥିଲା। ସଭାରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ସାହୁ, ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର ଉପସ୍ଥିତ ଥିଲେ। ସମାରୋହରେ ବଲାଙ୍ଗୀର ନାଗରିକ କମିଟି, ବଲାଙ୍ଗୀର ବରିଷ୍ଠ ନାଗରିକ ମଞ୍ଚ ସଦସ୍ୟ ଏବଂ ବହୁ ବରିଷ୍ଠ ନାଗରିକ ତଥା ଜନସାଧାରଣ ଉପସ୍ଥିତ ଥିଲେ।

## ଅଧିକାର ପ୍ରତି ସଚେତନ ହୁଅନ୍ତୁ ବରିଷ୍ଠ ନାଗରିକ

ଟିଟିଲାଗଡ଼, ୧।୧୦(ଶରତ ମିଶ୍ର)

ବରିଷ୍ଠ ନାଗରିକ ଅବହେଳିତ ହୋଇରହିବେ ନାହିଁ। ସେମାନଙ୍କ ସାମାଜିକ, ଆର୍ଥିକ ସୁରକ୍ଷା ପାଇଁ ଦେଶର ସରକାର ବିଭିନ୍ନ ଆଇନ ପ୍ରଣୟନ କରିଛନ୍ତି। ବରିଷ୍ଠ ନାଗରିକଙ୍କୁ ମାସିକ ଭତ୍ତା, ପରିବାରରେ ଉପଯୁକ୍ତ ଭରଣପୋଷଣ ନେଇ ଅବହେଳା କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ, ସମ୍ପତ୍ତିଗତ ସୁରକ୍ଷା, ଆୟ କରରେ ରିହାତି ଆଦି ଅନେକ ସୁବିଧା ଉପଲବ୍ଧ ରହିଛି। ରବିବାର ବରିଷ୍ଠ ନାଗରିକ ଦିବସ ଅବସରରେ ଟିଟିଲାଗଡ଼ ତାଲୁକ ଆଇନ ସେବା ସମିତି ପକ୍ଷରୁ ଲାୟନ୍ସ କ୍ଲବ ଦ୍ୱାରା ପରିଚାଳିତ ଦେଶିଲ ବୃଦ୍ଧାଶ୍ରମରେ ଆୟୋଜିତ ସଚେତନତା ଶିବିରରେ ଅଧ୍ୟକ୍ଷ ତଥା ଜିଲା ଦୌରା ଏବଂ ସେସନ ଜଜ ସନ୍ଦୀପ ପଟ୍ଟନାୟକ କହିଛନ୍ତି । ସଭାରେ ଜେଏମଏଫସି ଅଭିନନ୍ଦନ ରାୟ, ଉପଜିଲାପାଳ ଦୟାମୟ ପାଢ଼ି, ଲାୟନ୍ସ କ୍ଲବ ସଭାପତି ସନ୍ତୋଷ ମହାନ୍ତି, ତାଲୁକ ସମିତି ଫ୍ରଣ୍ଟ ଅଫିସ ରିଟେନର ସନ୍ଧ୍ୟା ଥପା, ସଜ୍ଜନ କମାନୀ ପ୍ରମୁଖ ବରିଷ୍ଠ ନାଗରିକଙ୍କୁ ସେମାନଙ୍କ ବିଭିନ୍ନ ଅଧିକାର, ସେମାନେ କିଭଳି ସମାଜ ପାଇଁ ବହୁ ମୂଲ୍ୟବାନ ତାହାର ଅବତାରଣା କରିଥିଲେ। ଜୀବର୍ଦ୍ଧନ ଛତ୍ରିଆ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି, କୋଷାଧ୍ୟକ୍ଷ ସଜ୍ଜନ କମାନୀ, ପିଏମସିସି ସଞ୍ଜୟ ସାହୁ, ବରିଷ୍ଠ ସଦସ୍ୟ ରାମଗୋପାଳ ଚୌଧୁରୀ, ୱାପି ଗୋୟଲ, ସତ୍ୟନାରାୟଣ ଶର୍ମା, ସର୍ଭିସ ଚେୟାରପର୍ସନ ଆର୍ଶୀବାଦ ମହାପାତ୍ର, ଆାସ ଖାନ, ନିରୋଜ ପଟ୍ଟନାୟକ, ବିଜୟ ଜୈନ, ବିନୟ ଜୈନ, ଅସୀମ କୁଣ୍ଡୁ,ସଞ୍ଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ବରିଷ୍ଠ ନାଗରିକ ଦିବସ ସଭାରେ ଏଡିଜେ ବକ୍ତବ୍ୟ ରଖୁଛନ୍ତି।

# ଗ୍ରାମ ସଫେଇ, ରକ୍ତଦାନ ଶିବିର



ଲାଠୋରରେ ଜାତୀୟ ସେବା ଦିବସ ପାଳନ ଅବସରରେ ଭାଜପା ନେତା ଓ କର୍ମୀ।

**ଭାଜପା ପାଳିଲା ସେବା ଦିବସ**

ଲାଠୋର, ୧।୧୦(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ପାଟଣାଗଡ଼ ନିର୍ବାଚନ ମଣ୍ଡଳୀ ଅଧିନ ଲାଠୋରରେ ଭାଜପା ପକ୍ଷରୁ ଜାତୀୟ ସେବା ଦିବସ ପାଳିତ ହୋଇଯାଇଛି। ବରିଷ୍ଠ କାର୍ଯ୍ୟକର୍ତ୍ତା ଘାସିରାମ ଅଗ୍ରୱାଲଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିଭାବେ ଲାଠୋର ପଞ୍ଚାୟତର ପୂର୍ବତନ ସରପଞ୍ଚ ସନ୍ତୋଷ ଭଇଁଷାଲ, ଏମ୍‌ପି ନୋମିନି ପ୍ରବୀଣ ଅଗ୍ରୱାଲ, ମଣ୍ଡଳ ସଭାପତି ଶଶି ପୂଜାରି, ସମ୍ପାଦକ ଘନଶ୍ୟାମ ସରାଫ, ଯୁବମୋର୍ଚ୍ଚା ସଭାପତି କାଶୀନାଥ ମେହେର, ମଧୁସୂଦନ ପାଣିଗ୍ରାହୀ ଯୋଗଦେଇଥିଲେ। ଅତିଥିମାନେ ଆମ୍ବେଦକର କଲୋନୀରେ ଥିବା ବାବାସାହେବ ଆମ୍ବେଦକରଙ୍କ ପ୍ରତିମର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସେଠାରୁ ସଫେଇ କାମ ଆରମ୍ଭ କରି ଅଗ୍ରସେନ ଭବନ ପର୍ଯ୍ୟନ୍ତ ଆସିଥିଲେ। ଅଗ୍ରସେନ ଭବନରେ ନୂଆଁଖାଇ ଭେଟ୍‌ଘାଟ ଆୟୋଜନ ପରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଏକଶତ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି ଅବସରରେ ଭାଜପାର ତେଜରାଜ ମାଝି, ଜିତେନ୍ଦ୍ର ମେହେର, ପ୍ରଶାନ୍ତ ଦାଶ, ଉପେନ୍ଦ୍ର ଭୋଇ, ମଧୁ ବରିହା, ବିପ୍ର ବିଶି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନା ଦଶରଥ ପାଣିଗ୍ରାହୀ, ସନ୍ତୋଷ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ସେପ୍ଟେମ୍ବର ୧୭ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିନକୁ ସେବା ଦିବସ ରୂପେ ପାଳନ କରିବା ପରିପ୍ରେକ୍ଷୀରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ଶୋଭାଯାତ୍ରାରେ ସ୍ୱଚ୍ଛତାର ବାର୍ତ୍ତା

ମୁରିବାହାଲ, ୧।୧୦(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ସୁନିଲ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏବିଇଓ ହିରାସିଂ ମାଝି ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ଏବିଇଓ କୋଦଣ୍ଡଧର ଭୋଇ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ପିତାମ୍ବର ବେଶ୍ରା, ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ମୁଖ୍ୟ କିରାଣି ନାରାୟଣ ମାଝି ଯୋଗ ଦେଇଥିଲେ। ବିଦ୍ୟାଳୟ ତରଫରୁ ଛାତ୍ରୀଛାତ୍ର ଏକ ରାଲି ମୁରିବାହାଲ ବଜାର ପରିକ୍ରମା କରି ଲୋକଙ୍କୁ ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରିଥିଲା। ପରେ ବିଦ୍ୟାଳୟ ପରିସରକୁ ସ୍ୱଚ୍ଛ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ରଶ୍ମିଲତା ପାତ୍ର, ଶିକ୍ଷକ କିଶୋର ଚନ୍ଦ୍ର ମହାନ୍ତି, ହେମନ୍ତ ନାଗ, ବିକ୍ରମ ପୁରୋହିତ, ମନୋଜ କୁମାର ସ୍ୱାଇଁ, ଚନ୍ଦଧ୍ୱଜ ଭୋଇ, କଳାକାହ୍ନୁ ରଣା ଓ ଛାତ୍ରୀଛାତ୍ର ବିଦ୍ୟାଳୟ ପରିସରକୁ ସଫା କରଥିଲେ। ସେହିପରି ମୁରିବାହାଲ ଯାଦବ ସାମଜ, ହଳଦୀ ଗ୍ରାମବାସୀ ଏବଂ ଅନେକ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମୁରିବାହାଲ ସପ୍ତାହିକ ବଜାର ନିକଟରେ ସଫେଇ କରିଥିଲେ।

## କୁଲତା ସମାଜର ନୂଆଁଖାଇ ଭେଟ୍‌ଘାଟ

ଖପ୍ରାଖୋଲ,୧।୧୦(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ହରିଶଙ୍କରଠାରେ ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଓ ବଡ଼ଗୁର୍ଜିଭଟା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ କୁଲତା ସମାଜର ନୂଆଁଖାଇ ଭେଟ୍‌ଘାଟ ରବିବାର ଅନୁଷ୍ଠିତ ହୋଇଯାଇଛି। ବଡ଼ଗୁର୍ଜିଭଟା କେନ୍ଦ୍ରର ପୂର୍ବତନ ସଭାପତି ଭିକାରୀ ଚରଣ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କୁଲୁତା ସମାଜ ବଲାଙ୍ଗୀର ଜିଲା ସଭାପତି ବେଲାଲସେନ ଭୋଇ ଯୋଗଦେଇ ଥିଲେ। ସମ୍ମାନୀତ ଅତିଥିଭାବେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଉପଦେଷ୍ଟା ନାରାୟଣ ସାହୁ, ଜିଲା ଉପସଭାପତି ଜୟ ସିଂ ପଧାନ, ଜିଲା ଯୁବସଭାପତି ଉମେଶ ଗଡତ୍ୟା, ଧଣ୍ଡାମୁଣ୍ଡା କେନ୍ଦ୍ର ସଭାପତି ହଳଧର ଭୋଇ, ବଡଗୁର୍ଜିଭଟା କେନ୍ଦ୍ର ସଭାପତି ବାସୁଦେବ ଗଡତ୍ୟା, ଜିଲା ଯୁବ ସମ୍ପାଦକ କାଳିଆ ସାହୁ, ଖପ୍ରାଖୋଲ ପୋଲିସ ଏଏସଆଇ ନାରାୟଣ ସାହୁ, ସଞ୍ଜୀବ ସାହୁ, ଶିଳ୍ପପତି ଖଗେଶର ସାହୁ, ଯୁବ ଉଦ୍ୟୋଗୀ ସୁନିଲ କୁମାର ପଧାନ, କୃଷି ଅଧିକାରୀ ଦୀନବନ୍ଧୁ ବେହେରା, ବିଧାୟକ ପ୍ରତିନିଧି ରମେଶ ପଧାନ ଯୋଗଦେଇ କୁଲତା ସମାଜର ସାମଗ୍ରିକ ବିକାଶ ଉପରେ କାମ କରିବାକୁ ମତ ଦେଇଥିଲେ। ହରିଶଙ୍କରଠାରେ ନିର୍ମାଣାଧୀନ ରଣେଶ୍ୱରା ରାମ ଚଣ୍ଡୀ ମନ୍ଦିର କାମ ସାରି ବିଗ୍ରହ ସ୍ଥାପନ କରିବା ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅମୂଲ୍ୟ କୁମାର ଭୋଇ, କବୟିତ୍ରୀ ସାବିତ୍ରୀ ସାହୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଅନୁସୂୟା ସାହୁ, ଜପସ୍ୱିନୀ ସାହୁ, ପୂର୍ବତନ ସମ୍ପାଦକ କଳକାହ୍ନୁ ସାହୁ, ଧ୍ରୁବଚରଣ ବିଶ୍ୱାଳ, ଡୋଳାମଣି ସାହୁ, ରବିନ୍ଦ୍ର ଗଡତ୍ୟା, କିଶୋର ସାହୁଙ୍କ ସମେତ ବାଲାଙ୍ଗୀର ଜିଲାର ୧୫ଟି ଆଞ୍ଚଳିକ କେନ୍ଦ୍ର କର୍ମକର୍ତ୍ତା ତଥା କୁଲତା ସମାଜର ଶତାଧିକ ମହିଳା ପୁରୁଷ ଯୋଗଦେଇଥିଲେ।




ଭେଟ୍‌ଘାଟରେ ମଞ୍ଚାସୀନ ଅତିଥି।

### ବରିଷ୍ଠ ନାଗରିକଙ୍କ ପ୍ରତି ସମ୍ବେଦନଶୀଳ ହୁଅ

ଦେଓଗାଁ,୧।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତ ଅନ୍ତର୍ଗତ ସାଲେପାଲି ଗ୍ରାମ ମଙ୍ଗଳ ପାଠାଗାର ପରିଚାଳିତ ବାର୍ଦ୍ଧକ୍ୟ ଆବାସରେ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସିଦ୍ଧାର୍ଥ ସେଠଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ ଯୋଗଦେଇଥିଲେ। ବୟୋଜ୍ୟେଷ୍ଠମାନେ ସବୁବେଳେ ମାର୍ଗଦର୍ଶକ। ଯେଉଁମାନେ ନିଜ ବୃଦ୍ଧାବୃଦ୍ଧ ମା'ବାପାଙ୍କୁ ଅଲୋଡା ଭାବୁଛନ୍ତି ସେମାନେ ପଶୁତୁଲ୍ୟ ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ ଗ୍ରାମମଙ୍ଗଳ ପାଠାଗାର ସମ୍ପାଦକ ଭୁବନେଶ୍ୱର ସାମଲ, ସଭ୍ୟା ବିନୋଦିନି ମେହେର, ନିର୍ଦ୍ଦେଶକ କ୍ଷମାନିଧି ମେହେର, ଡା. ସୁଶାନ୍ତ ମେହେର ପ୍ରମୁଖ ଯୋଗଦେଇଥିଲେ। ଏହିଅବସରରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ବାର୍ଦ୍ଧକ୍ୟ ଆବାସ ପରିଚାଳକ ଶିବ ପ୍ରସାଦ ସାହୁଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ବରିଷ୍ଠ ନାଗରିକ ଦିବସ ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଜମି, ଜଳ, ଜଙ୍ଗଲ ସୁରକ୍ଷାକୁ ପ୍ରାଥମିକତା

**କଦଳୀମୁଣ୍ଡାରେ ଆଦିବାସୀ ମେଳି**

ସଇଁତଲା,୧।୧୦(ରାଖାଲ ପ୍ରସାଦ ଶତପଥି)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡ଼ା ପଞ୍ଚାୟତ ଅନ୍ତର୍ଗତ କଦଳୀମୁଣ୍ଡା ଗ୍ରାମ ଫୁଟବଲ ପଡ଼ିଆଠାରେ ଏକ ଆଦିବାସୀ ମେଳି ଅନୁଷ୍ଠିତ ହୋଇଯାଇଛି। ଶହଶହ ସଂଖ୍ୟାରେ ଆଦିବାସୀମାନେ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ସାଂସ୍କୃତିକ ଶୋଭାଯାତ୍ରା କରି ସଭାସ୍ଥଳରେ ପହଞ୍ଚିଥିଲେ। ସଂଘର ବ୍ଲକ ସଭାପତି ସନ୍ତୋଷ ପୁଟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଯୋଗଦେଇଥିଲେ। ଜିଲା ସଭାପତି ଶ୍ୟାମସୁନ୍ଦର ଭୋଇ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବ୍ରଜ ମୋହନ ବିଶୋଇ, ଜିଲା ପରିଷଦ ଉପାଧ୍ୟକ୍ଷା ମିଥିଳା ମାଝି, ବ୍ଲକ ସଭାପତି ମନୋରଞ୍ଜନ ଭୋଇ, ବରୁଣ ଚନ୍ଦ୍ର ଭୋଇ, ଚନ୍ଦ୍ର ଶେଖର ବରିହା, କାର୍ଯ୍ୟକାରୀ ସଭାପତି ଭୁବନେଶ୍ୱର ଧରୁଆ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ସରକାର ଆଦିବାସୀ ସଂସ୍କୃତି, ଭାଷା, ଦେବାଦେବୀ ପୀଠ, କ୍ରୀଡ଼ା, କଳା ଓ ସାହିତ୍ୟ ସୁରକ୍ଷା ପାଇଁ ବଲାଙ୍ଗୀର ଜିଲାକୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦରେ ସାମିଲ କରିଥିବାରୁ ଏହି ଅବସରରେ ଆଦିବାସୀ ନେତାମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଆଦିବାସୀ ସମ୍ପ୍ରଦାୟକୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ହେଲେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଉଚ୍ଚଶିକ୍ଷାକୁ ଗୁଣାତ୍ମକ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆଦିବାସୀଙ୍କ ଜମି, ଜଳ, ଜଙ୍ଗଲ ଆଦିର ସୁରକ୍ଷା ପାଇଁ ଆଦିବାସୀ ସଚେତନ ରହିବା ଉଚିତ ବୋଲି ମୁଖ୍ୟ ଅତିଥି ବିଶି କହିଥିଲେ। ସଭାରେ ନକଲି ଆଦିବାସୀ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ, ଆଦିବାସୀ ଜମି ହସ୍ତାନ୍ତର ବନ୍ଦ, ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ଆଟ୍ରୋସିଟି ଆକ୍ଟକୁ କଡ଼ାକଡ଼ି କରିବା, ଆଦିବାସୀ ସେବାଶ୍ରମ, ଆଶ୍ରମ, କନ୍ୟାଶ୍ରମକୁ ୫ଟିରେ ସାମିଲ କରିବା, ଆଦିବାସୀ ବେକାର ଶିକ୍ଷିତ ଯୁବତୀଯୁବକଙ୍କୁ ସ୍ୱତନ୍ତ୍ର ନିଯୁକ୍ତି ପ୍ରଦାନ, ପ୍ରତି ବ୍ଲକରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଅତିଥିମାନେ ଦାବି କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗୀତା ଆୟୋଜନ କରାଯାଇ ପ୍ରତିଭାଗୀମାନଙ୍କୁ ରାଜ୍ୟ ସଭା ସାଂସଦ ବିଶି ପୁରସ୍କୃତ କରିଥିଲେ।



କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରୁଛନ୍ତି।

## ସଂକ୍ଷେପରେ

### ଅନ୍ତର୍ନିହିତ ଗୁଣର ବିକାଶ ସୁରଭିର ଲକ୍ଷ୍ୟ

ପାଇକମାଳ,୧।୧୦(ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ ପଲସଦା ଗ୍ରାମପଞ୍ଚାୟତ ଖଇରା ଆଶ୍ରମ ବିଦ୍ୟାଳୟରେ ପଲସଦା କ୍ଲଷ୍ଟରସ୍ତରୀୟ ସୁରଭି ଅନୁଷ୍ଠିତ ହୋଯାଇଅଛି। ଏଥିରେ କ୍ଲଷ୍ଟରର ପ୍ରତ୍ୟେକ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସିଆରସିସି ଚକ୍ରଧର ଅଜଗରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ପରିଚାଳନା ହୋଇଥିଲା। ଟେକଚାନ୍ଦ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଦୟାନିଧି ଭୋଇ ମୁଖ୍ୟ ଅତିଥି, ଦ୍ୱିତୀୟ ବେଷେରା, ପ୍ରଫୁଲ କୁମାର ସିଂ ସମ୍ମାନିତ ଅତିଥି, ସୁନିଲ କୁମାର ପୁରୋହିତ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଟେକରାଜ ପଟେଲ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବକ୍ତୃତା, ଚିତ୍ରାଙ୍କନ, କୁଇଜ, ନୃତ୍ୟ, ଗୀତ, ରଚନା, ଗଣିତ ଆଦି ପ୍ରତିଯୋଗିତା ହୋଇଥିଲା। ପଦ୍ମଲୋଚନ ପୋଡ଼, ଜୟପ୍ରକାଶ ଡନସନା, ସାଗର ମର୍ହି, ଜ୍ୟୋତିର୍ମୟୀ ଭୋଇ, ପଦ୍ମିନୀ ସାହୁ, ପ୍ରତୀକ୍ଷା ସାହୁ, ଜୟନ୍ତୀ ତାଣ୍ଡି, ସୁରେଶ ଭୋଇ, ବିଜୁଳୀ ଲୁହାର, ରିନା ବାଗ, କାଞ୍ଚନ ସୁନା ବିଚାରକ ଭାବେ ଯୋଗ ଦେଇଥିଲେ। କୁନି ପିଲାଙ୍କ ଅନ୍ତର୍ନିହିତ ଗୁଣର ବିକାଶ ସୁରଭି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଧର୍ମେନ୍ଦ୍ର କୁମାର ସାହୁ ସହଯୋଗ ଏବଂ ସୁରେନ୍ଦ୍ର ବିଭାର ଧନ୍ୟବାଦ ଅର୍ପଣ କରିଥିଲେ।

### ରକ୍ତଦାନ ଶିବିର, ୩୬ ୟୁନିଟ ସଂଗ୍ରହ

ବରଗଡ଼, ୧।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଶ୍ରୀଗିଡା ଗାନ୍ଧିଜୀ କ୍ଲବର ୫୪ତମ ବାର୍ଷିକୋତ୍ସବ ତଥା ଜାତୀୟ ରକ୍ତଦାତା ଦିବସ ପାଳନ ଅବସରରେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ ଜିଲା ପରିଷଦ ସଦସ୍ୟା ରୋଜି ନାଏକ ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁବ୍ରତ କୁମାର ବେହେରା ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୩୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବରଗଡ଼ ରକ୍ତଭଣ୍ଡାର କର୍ମଚାରୀରକ୍ତ ସଂଗ୍ରହ କରିଥିଲେ। ଗାନ୍ଧିଜୀ କ୍ଲବ ସଭାପତି ଲୋକେଶ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଦୀପକ ବାରିକ, ଜିତୁ ନାଏକ, କମଳାକାନ୍ତ ସା, ବୁଲୁ ସାହୁ ଓ ରଞ୍ଜିତ ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ।



ନିଗମାନନ୍ଦ ବିହାରରେ ଅନୁଷ୍ଠିତ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ।


ରାଣା ପ୍ରତାପ ସ୍କୁଲରେ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ପିଲାମାନେ ସଂକଳ୍ପ ନେଉଛନ୍ତି।

# ସ୍ୱଚ୍ଛତା ପାଇଁ ସଂକଳ୍ପ, ଶ୍ରମଦାନ

ବରଗଡ଼,୧।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ନିଗମାନନ୍ଦ ବିହାରଠାରେ ରବିବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉନ୍ନୟନ କମିଟି ସମ୍ପାଦକ ଟିକେଲାଲ ନାଏକ ଓ କୀର୍ତ୍ତନ ପରିଷଦ ବରିଷ୍ଠ ସଦସ୍ୟ ବାଙ୍କା ବିହାରୀ ସାହୁଙ୍କ ନେତୃତ୍ୱରେ ପଡ଼ାର ମୁଖ୍ୟ ରାସ୍ତାକଡ଼ ସଫେଇ କରାଯାଇଥିଲା। ସନ୍ତୋଷ ପଣ୍ଡା, ପ୍ରସନ୍ନ ସାହୁ, ଦୈତାରୀ ସାହୁ, ଚନ୍ଦ୍ରଶେଖର କର୍ମ, ଚନ୍ଦ୍ରକାନ୍ତ ସାହୁ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସେହିପରି ବରଗଡ଼ ରାଣା ପ୍ରତାପ ସ୍କୁଲରେ ରବିବାର ୧ ତାରିଖ ଏକ ଘଣ୍ଟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ତତ୍ତ୍ୱାବଧାନରେ ସକାଳ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ଏକ ଘଣ୍ଟା ଛାତ୍ରୀଛାତ୍ର, ଅଭିଭାବିକା, ଅଭିଭାବକ, ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ରହି ସ୍ୱଚ୍ଛତା ପାଇଁ ସଂକଳ୍ପ ନେବା ସହିତ ସ୍କୁଲ ପରିସରକୁ ସଫେଇ କରିଥିଲେ। ମୁଖ୍ୟ ଅତିଥି ଭାବେ ସିଆରସିସି ପାର୍ବତୀ ସାହୁ ଯୋଗ ଦେଇଥିଲେ। ଗୀତା ଜାଲ, ତପସ୍ୱିନୀ ତ୍ରିପାଠୀ, ବବିତା ନାଏକ, ନନ୍ଦିତା ସାହୁ, ସାଞ୍ଚା ପ୍ରଧାନ ଉପସ୍ଥିତ କରିଥିଲେ। **ପଦ୍ମପୁର (ପ୍ରଦୀପ୍ତ ଦାଶ):** ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଚିକିତ୍ସାଳୟ ପରିସରରେ



ପଦ୍ମପୁରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ଓ ଅନ୍ୟମାନେ।



ଲରମ୍ଭାରେ ସ୍ୱଚ୍ଛତା ହିଁ ସେବାରେ ଶ୍ରମଦାନ କରାଯାଉଛି।

ରବିବାର ପୂର୍ବାହ୍ନ ୧୦ଟା ସମୟରେ ସଫେଇ କରାଯାଇଥିଲା। ପରେ ରଙ୍ଗୋଲି ପ୍ରତିଯୋଗିତାରେ ସୁଷମା ସୁନା ପ୍ରଥମ, ଜ୍ୟୋତିର୍ମୟୀ ପାଣି ଦ୍ୱିତୀୟ ଏବଂ ଦେଓବତୀ ବରିହା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏହାପରେ ଚିକିତ୍ସାଳୟ ସଭାଗୃହରେ ରକ୍ତଦାନ ଦିବସ ଅବସରରେ ଏକ ବୈଠକ ହୋଇଥିଲା। ଏଥିରେ ଡାକ୍ତର ଯଦୁମଣି ସାହୁ ମୁଖ୍ୟ ଅତିଥି, ନିରୋଜ ଦୋରା, ଅବସରପ୍ରାପ୍ତ ସୂଚନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁରୂପ ଭାବେ ପଦ୍ମପୁର କପସିଲା ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଦ୍ମପୁର ଏନ୍‌ଏସି ତରଫରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଏନ୍‌ଏସି ତରଫରୁ ସହରର ବିଭିନ୍ନ ଅଞ୍ଚଳରେ ସଫେଇ କରାଯାଇଥିଲା। ଏନ୍‌ଏସି ଅଧ୍ୟକ୍ଷା ସାବିତ୍ରୀ ବାଗ, ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିନାୟକ ମିଶ୍ର, ବରିଷ୍ଠ ନାଗରିକ ନିରୋଜ ଦୋରା, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ମିଶନ ଶକ୍ତି ମହିଳା, ସଫେଇ କର୍ମଚାରୀ ଓ ବ୍ୟକ୍ତିବିଶେଷ ଶ୍ରମଦାନ କରିଥିଲେ। **ସରଣ୍ଡା (ଯୁଧିଷ୍ଠିର ମହାପାତ୍ର):** ଅତାବିରା ବ୍ଲକ ଲରମ୍ଭା କଲେଜ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ କଲେଜର ଏନସିସି ନାଭାଲ ୟୁନିଟ ଅଧିକାରୀ ସରୋଜ କୁମାର ନାୟକଙ୍କ ତତ୍ତ୍ୱାବଧାନରେ କଲେଜ ପରିସରରେ ସଫେଇ କରାଯାଇଥିଲା। ଏନ୍‌ସିସି ଆର୍ମି ୟୁନିଟ୍ ଅଧିକାରୀ ଲେଫ୍ଟନାଣ୍ଟ ପାଟମଞ୍ଜରୀ ସାହୁ ଓ ଏନ୍‌ଏସ୍‌ଏସ୍ କୋ-ୟୁନିଟ୍ ଅଧିକାରୀ ଡ. ଅଜିତ କୁମାର ନାଥ, ସଂଘମିତ୍ରା ମହାକୁର, ଗଣେଶ ସିଂ, ଡାକ୍ତର ସୁଶ୍ରୀ ସମର୍ପ୍ଣା ରଥ, ଡା. ତ୍ରିଲୋଚନ ବରାଳ ପ୍ରମୁଖ ସାମିଲ ହୋଇଥିଲେ। ପ୍ରାଧ୍ୟାପକ ଡ. ଦିଗମ୍ବର ଚାନ୍ଦ, ଜନପ୍ରତିନିଧି ଶ୍ୟାମସୁନ୍ଦର ରଣା ସହଯୋଗ କରିଥିଲେ। **ବରପାଲି (ଚିତ୍ତରଞ୍ଜନ ସାହୁ):** ବରପାଲି ବ୍ଲକ କନବାର ଗ୍ରାମରେ ରବିବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନଷ୍ଠିତ ହୋଇଯାଇଛି। ନିର୍ବାହୀ ଅଧିକାରୀ ରବିକାନ୍ତ ସାହୁଙ୍କ ନେତୃତ୍ୱରେ ସ୍ଥାନୀୟ ଗ୍ରାମପଞ୍ଚାୟତ ଓ ଅଙ୍ଗନୱାଡ଼ି ସେଣ୍ଟରଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ଅଧିକାରୀ ବାରିକ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ପରେ ସ୍ୱଚ୍ଛତା ଉପରେ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଏସ୍‌ଏଚ୍‌ଜି ମହିଳା ଗୋଷ୍ଠୀଙ୍କ ଦ୍ୱାରା ପଞ୍ଚାୟତ ଅଫିସ୍ ଓ ଅଙ୍ଗନୱାଡ଼ି ପରିସର ସଫେଇ ହୋଇଥିଲା। କୈକେୟୀ ହରିପାଲ, ନିତାମ୍ବିନୀ ମିଶ୍ର, ସୁଭଦ୍ରା ବାଗ, ରେବାରାଣୀ ବାଗ ପ୍ରମୁଖ ସହଯୋଗ କରିଥିଲେ।

## ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ

ବରପାଲି,୧।୧୦( ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲି ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲର ଏଞ୍ଜେଲ୍‌ସ ଗାର୍ଡେନ (ପ୍ରାଥମିକ ବିଭାଗ)ରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏହି ସମାରୋହରେ ରାଜ୍ୟ ଦିବ୍ୟାଙ୍ଗ ଟ୍ରଷ୍ଟ ଉପଦେଷ୍ଟା ଗୌରହରି ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ, ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ, ଅଧ୍ୟକ୍ଷା ମଧୁସ୍ମିତା ମୁଣ୍ଡଙ୍କ ସମେତ ୫୦ଜଣରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। କଳ୍ପନା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଶିକ୍ଷୟିତ୍ରୀ ତୃପ୍ତାମୟୀ ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟଅତିଥି ତାଙ୍କ ଅଭିଭାଷଣରେ ବୃଦ୍ଧାବୃଦ୍ଧଙ୍କ ଥଇଥାନ ଓ ସେବା ଉପରେ ଗୁରୁତ୍ୱ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶିକା ଅଞ୍ଚଳର ବରିଷ୍ଠ ନାଗରିକଙ୍କୁ ସ୍ୱତନ୍ତ୍ର କ୍ଲବରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ ଏବଂ ସ୍ୱାବଲମ୍ବୀ ହୋଇ ସମ୍ମାନର ସହ ବଞ୍ଚିବାକୁ ପରାମର୍ଶ ଦେଇଥିଲେ। ଗୀତ ଓ ନୃତ୍ୟକୁ ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହୋଇଥିବା ବେଳେ ଅଜାଆଈଙ୍କୁ ନେଇ କୌତୁକିଆ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏଞ୍ଜେଲ୍‌ସ ଗାର୍ଡେନର ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କୁ ପୁରସ୍କୃତ କରାଯାଉଛି।

## ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଉଦଯାପିତ

ସରଣ୍ଡା,୧।୧୦(ଯୁଧିଷ୍ଠିର ମହାପାତ୍ର )

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଗୋଡଭଗାରେ ୨ଦିନ ଧରି ଚାଲିଥିବା ମାଗଣା ମେଗା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ରବିବାର ଉଦ୍‌ଯାପିତ ହୋଇଛି। ଶିବିରରେ ବିଶେଷଜ୍ଞ ଡାକ୍ତରମାନେ ଯୋଗଦେଇ ଉଚ୍ଚ ରକ୍ତଚାପ, ମଧୁମେହ, ଥାଇରଏଡ୍, କିଡ୍‌ନୀ, ଛାତି, ପେଟ, ମୁଣ୍ଡ, ଅପସ୍ମାର, ସିକ୍‌ଲିନ, ରକ୍ତହୀନତା ଏବଂ ଅନ୍ୟାନ୍ୟ ଅସୁବିଧା ଭୋଗ କରୁଥିବା ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପ୍ରଥମ ଦିନରେ ୧୯୭ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିବା ବେଳେ ଉଦ୍‌ଯାପନୀ ଦିବସରେ ୨୨୧ ଜଣ ସ୍ୱାସ୍ଥ୍ୟସେବା ପାଇଥିଲେ। ରବିବାର ଶିବିରରେ ଜେଓଆଇ ହସ୍ପିଟାଲ ହାଇଦ୍ରାବାଦର ଡ଼ା. ରମେଶ ଚନ୍ଦ୍ର କତ୍ରଗଡ଼ା ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ମଧୁସୂଦନ ଶର୍ମା, ବିକାଶ ଶର୍ମା, ସ୍ୱାସ୍ଥ୍ୟ କର୍ମୀ ଓ ସୁମନ ସଞ୍ଜୀବନୀ ପୋଲିକ୍ଲିନିକର ନର୍ସମାନେ ସହଯୋଗ କରିଥିଲେ।

## ଅହିଂସା ଆନ୍ଦୋଳନ, ମହାତ୍ମା ଗାନ୍ଧୀ ଶୀର୍ଷକ ବକ୍ତୃତା ପ୍ରତିଯୋଗିତା

ବରଗଡ଼,୧।୧୦(ପ୍ରେମାନନ୍ଦ ଖମାରୀ)

ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଲାୟନ୍ସ କ୍ଲବ ବରଗଡ଼ ଆନୁକୂଲ୍ୟରେ ରାଣା ପ୍ରତାପ ସ୍କୁଲ ସଭାଗୃହରେ ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଅହିଂସା ଆନ୍ଦୋଳନ ଓ ମହାତ୍ମା ଗାନ୍ଧୀ ଶୀର୍ଷକ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ବ୍ଲକରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଲାୟନ୍ସ କ୍ଲବ ଅଧ୍ୟକ୍ଷ କିଶନଲାଲ ଅଗ୍ରୱାଲଙ୍କ ସଂଯୋଜନା ଓ ଅଭୟ ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୋହନ ଲାଠ, ଅମରଜିତ ସିଂ, ମନୋଜ ମହାପାତ୍ର, ମନୋରଞ୍ଜନ ପୂଜାରୀ, ନରସିଂହ କର, ଦୀପକ ବାଲୋଦିଆ, ମନ୍ଦାକିନୀ ପତି, ଅଞ୍ଜନା ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ଶିକ୍ଷକ ଚନ୍ଦ୍ରକାନ୍ତ ସାହୁ, ଡାକ୍ତର ଭୋଇ, ସଂଘମିତ୍ରା ପଟେଲ, ଅର୍ଜୁନ ସେଟ୍ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଛାତ୍ରୀ ଅନ୍ନପୂର୍ଣ୍ଣା ଦାଶ ପ୍ରଥମ, ଅଶ୍ଳେଷା ମହାନନ୍ଦ ଦ୍ୱିତୀୟ ଏବଂ ଅଂଶୁମାନ ସରାଫ ଓ ଅମ୍ବିକା ଭୋଇ ଯୁଗ୍ମ ତୃତୀୟ ହୋଇଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୮ତାରିଖ ଭଟଲି ରୋଡରେ ଅବସ୍ଥିତ ମଙ୍ଗଳମ୍ ପ୍ୟାଲେସଠାରେ ହେବାକୁ ଥିବା ନୂଆଁଖାଇ ଭେଟ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି କ୍ଲବ ତରଫରୁ ଘୋଷଣା କରାଯାଇଛି।



ଅତିଥି, ଆୟୋଜକଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

## ସ୍କୁଲସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବରପାଲି,୧।୧୦(ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲ ହାଇସ୍କୁଲ ଓ ଲେଣ୍ଡା ହାଇସ୍କୁଲ ପଡିଆରେ ତିନିଦିନିଆ ସ୍କୁଲସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଛି। ବରପାଲି ହାଇସ୍କୁଲ ପଡିଆରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଛପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି, ଜିଲା ଅତିରିକ୍ତ ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ରାଧାକାନ୍ତ ଛତ୍ରି, ପାଇକମାଳ ବିଇଓ ଚୂଡ଼ାମଣି ବାରିକ, ବରପାଲି ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ଭୁଏ, ବରପାଲି ବ୍ଲକ ଅଧ୍ୟକ୍ଷା ରୀନା ଥଇତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏବିଇଓ ମୁକୁନ୍ଦ ମାହାର ସ୍ୱାଗତ ଭାଷଣ ଦେଇଥିବା ବେଳେ ବରପାଲି ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ହାରାବତୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଶୋକ କୁମାର ପଣ୍ଡା ଓ ନିବେଦିତା ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବରଗଡ଼ ଜିଲାର ୧୨ଟି ବ୍ଲକର ଗୋଟିଏ ବାଳକ ଓ ଗୋଟିଏ ବାଳିକା ଦଳ ଏପରି ମୋଟ ୨୪ଟି ଦଳ ଏଥିରେ ସାମିଲ ହୋଇଛନ୍ତି। ଲେଣ୍ଡା ପଡିଆ ଠାରେ ବାଳକମାନଙ୍କ ଖେଳ ହେଉଥିବା ବେଳେ ବରପାଲି ହାଇସ୍କୁଲ ପଡିଆରେ ବାଳିକାମାନଙ୍କ ଖେଳ ଅନୁଷ୍ଠିତ ହେଉଛି।



ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଗୁଜରାଟରେ ନୂଆଁଖାଇ ଭେଟ୍‌ଘାଟ୍

ବରଗଡ଼,୧।୧୦(ପ୍ରେମାନନ୍ଦ ଖମାରୀ)

ଗୁଜରାଟର ଭଦୋଦରା ସହରରେ ପ୍ରବାସୀ ପଶ୍ଚିମ ଓଡିଶାବାସୀ ଉତ୍ସାହ ଓ ଉଦ୍ଦୀପନାର ସହ ରବିବାର ନୂଆଖାଇ ଭେଟଘାଟ୍ ପାଳନ କରିଛନ୍ତି। ଜୁହାର୍ ପରିବାର ପକ୍ଷରୁ ସଭାପତି ମନୋଜ ମିଶ୍ରଙ୍କ ତତ୍ତ୍ୱାବଧାନରେ ଭଦୋଦରା ଓଏନଜିସିର କମ୍ୟୁନିଟି ହଲରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେସିଙ୍ଗାର ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ସମସ୍ତେ ସମ୍ବଲପୁରୀ ବସ୍ତ୍ର ପରିଧାନ ସହିତ ସମ୍ବଲପୁରୀ ଖାଦ୍ୟର ମଜା ନେଇଥିଲେ। ଏହି ଅବସରରେ ସମ୍ପାଦକ ସୁନିଲ ନାଏକ, ବିକାଶ ପାତ୍ର, ଆଶିଷ ରଞ୍ଜନ ମିଶ୍ର ଓ ଅନନ୍ତ ମିଶ୍ରଙ୍କ ସଂଯୋଜନାରେ ଆମର ମାଏଟ୍ ନାମକ ବାର୍ଷିକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ ପାଢ଼ୀ, ସୁରେନ୍ଦ୍ର ବାରିକ, ଗୋପୀନାଥ ପଣ୍ଡା, ଅମିୟ ପୂଜାରୀ, ସଚିନ ଶର୍ମା, ଜଗନ୍ନାଥ ଦାଶ, ବିରେନ୍ଦ୍ର ଖମାରୀ, ବିବେକ ପାଢ଼ୀ, ପ୍ରିନ୍ସ ଦାଶ, ବିଜୟ ବିଶି ପ୍ରମୁଖ ସହଯୋଗ କରିଥିଲେ।



ନୂଆଁଖାଇ ଭେଟ୍‌ଘାଟ୍‌ରେ ସ୍ମରଣିକା ଉନ୍ମୋଚନ କରାଯାଉଛି।




## ସଂକ୍ଷେପରେ

### ଆର୍‌ଏସ୍‌ପିରୁ ଚୋରି, ଜଣେ ଗିରଫ

ରାଉରକେଲା,୧।୧୦(ଦିନେଶ ମିଶ୍ର)

ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି)ରୁ ଚୋରି ଅଭିଯୋଗରେ ଟାଙ୍ଗରପାଲି ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରାଜେଶ ହାସଁଦା(୨୭)। ତାଙ୍କଠାରୁ ଚୋରି ସାମଗ୍ରୀ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୪୩।୨୩) ରୁଜୁ କରି ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ଟାଙ୍ଗରପାଲି କଇଁଥାବସା ବସ୍ତିର ରାଜେଶ ଗତ ୩୦ ତାରିଖ ବିଳମ୍ବିତ ରାତିରେ ଆରଏସ୍‌ପି ଷ୍ଟକ୍‌ୟାର୍ଡ ଅଞ୍ଚଳରୁ ୨୦ କେଜିଆଲୁମିନିୟମ ଓ ୧୫ କେଜିବ୍ରାସ ଚୋରି କରିଥିଲେ। ଏହି ସମୟରେ ସିଆଇଏସ୍‌ଏଫ ଯବାନ ତାଙ୍କୁ କାବୁ କରି ଟାଙ୍ଗରପାଲି ପୋଲିସକୁ ହସ୍ତାନ୍ତର କରିଥିଲେ।

### ଆନ୍ଦୋଳନରୁ ଓହରିଲେ ଆୟୁଷ ଛାତ୍ରୀଛାତ୍ର

ରାଉରକେଲା,୧।୧୦(ଦିନେଶ ମିଶ୍ର)

ସେକ୍ଟର-୨୧ ସ୍ଥିତ ନୟାବଜାର ଅଞ୍ଚଳରେ ଥିବା ଆୟୁଷ କଲେଜ ପରିସରରେ ଅଲ ଓଡିଶା ଆୟୁଷ ଷ୍ଟୁଡେଣ୍ଟ ଆସୋସିଏଶନ ରାଉରକେଲା ଶାଖା ପକ୍ଷରୁ ବିଭିନ୍ନ ଦାବିକୁ ନେଇ ଦୀର୍ଘଦିନ ଧରି ଧାରଣା ଦିଆଯାଇଥିଲା। ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଆୟୁଷ ବିଦ୍ୟାର୍ଥୀଙ୍କ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ରବିବାର ଏହି ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଆୟୁଷ ଛାତ୍ରୀଛାତ୍ରମାନେ ବିଭିନ୍ନ ଦାବି ନେଇ ରାଜ୍ୟ ସାରା କଲେଜରେ ଆନ୍ଦୋଳନ କରିଆସୁଥିଲେ। ସେପ୍ଟେମ୍ବର ୨୧ରେ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମଙ୍କ ନେତୃତ୍ୱରେ ଉକ୍ତ ଛାତ୍ରୀଛାତ୍ରମାନେ ଦିଲ୍ଲୀ ଯାତ୍ରା କରି କେନ୍ଦ୍ର ଆୟୁଷ ମନ୍ତ୍ରୀ ସଦାନନ୍ଦ ସୋନୱାଲଙ୍କୁ ଭେଟିବା ସହ ସେମାନଙ୍କ ସମସ୍ୟା ଜଣାଇଥିଲେ। କେନ୍ଦ୍ରମନ୍ତ୍ରୀ ସୋନୱାଲ ଏ ନେଇ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି ଲେଖି ସମସ୍ୟା ବିଷୟରେ ଅବଗତ ହେବାକୁ ବିଦ୍ୟାର୍ଥୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଆସନ୍ତା ଆନ୍ତଃ ମନ୍ତ୍ରୀସ୍ତରୀୟ ବୈଠକରେ ସଂଘର ଦାବିକୁ ଉପସ୍ଥାପନ କରାଯିବ ବୋଲି ସ୍ୱାସ୍ଥ୍ୟ ସଚିବ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆୟୁଷ ଛାତ୍ର ସଂଘ ସାମୟିକ ଭାବେ ରବିବାର ଆନ୍ଦୋଳନକୁ ସ୍ଥଗିତ ରଖିଛି। ଆଗାମୀ ଦିନରେ ସଂଘର ଦାବି ପୂରଣ ନ ହେଲେ ସଂଘ ପୁନର୍ବାର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ଚେତାବନୀ ଦେଇଛି। ଆୟୁଷ ଡାକ୍ତର ନିଶିକାନ୍ତ ଆଚାର୍ଯ୍ୟ, ହିତେଶ କୁମାର ଗିରି, ସନ୍ତୋଷ ସାହୁ, ଶୁକଦେବ ଦାସ, ମନୋଜ ହଲଦର, ସୁରେଶ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।



ରାଉରକେଲାରେ ଶିଶୁ ମନ୍ଦିର ପକ୍ଷରୁ ସଫେଇ କରାଯାଉଛି।


ଆର୍‌ଏମ୍‌ସି କମିଶନର ଓ ଅନ୍ୟ କର୍ମଚାରୀମାନେ ସଫେଇ କରୁଛନ୍ତି।

# ସ୍ୱଚ୍ଛତା ପାଇଁ ସଚେତନତା ଜରୁରୀ

ରାଉରକେଲା,୧।୧୦(ଦିନେଶ ମିଶ୍ର)

ରାଉରକେଲା ସହରକୁ ସ୍ୱଚ୍ଛ ଓ ସବୁଜ ରଖିବା ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱଚ୍ଛତା ସେବା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍) ପରିସରରେ ନିର୍ଦ୍ଦେଶକ ସନ୍ତୋଷ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ହୋଇଥିଲା। ଡାକ୍ତରଖାନାର ଡାକ୍ତର, ଷ୍ଟାଫନର୍ସଙ୍କ ସମେତ ୧୫୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଉପସ୍ଥିତ ରହି ଡାକ୍ତରଖାନା ପରିସରକୁ ସଫା କରିଥିଲେ। ବିଶେଷ କରି ଡାକ୍ତରଖାନା ପରିସରରେ ଥିବା ସଂକ୍ରମଣ ବିଭାଗ, ଇନ୍‌ଡୋର ବିଭାଗ, ଉଦ୍ୟାନ ବିଭାଗ ଓ ମର୍ଗହାଉସ୍ ଗୃହ ପରିସରକ ସେମାନେ ସଫେଇ କରିଥିଲେ। ପରେ ଡାକ୍ତରଖାନା କର୍ମଚାରୀମାନେ ବ୍ୟବସାୟୀ ଓ ଜନସାଧାରଣଙ୍କୁ ସ୍ୱଚ୍ଛତା ଉପରେ ସଚେତନ କରିଥିଲେ। ସେହିପରି ଛେଣ୍ଡ ସ୍ଥିତ ଭିଏସ୍‌ଏସ୍ ମାର୍କେଟରେ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଥିଲା। ଏଥିରେ ରାଉରକେଲା ଏଡିଏମ୍ ଡ. ଶୁଭଙ୍କର ମହାପାତ୍ର ଅତିଥି ଭାବେ ଯୋଗଦେଇ ଉକ୍ତ ମାର୍କେଟ କମ୍ପ୍ଲେକ୍ସରେ କିଭଳି ସ୍ୱଚ୍ଛତା ବଜାଇ ରହିବ ସେ ନେଇ ବୁଝାଇଥିଲେ। ପରେ ମାର୍କେଟର କର୍ମକର୍ତ୍ତା ଓ ବ୍ୟକ୍ତି ବିଶେଷ ଉକ୍ତ ମାର୍କେଟ ପରିସରକୁ ସଫେଇ କରିଥିଲେ। ରାଉରକେଲା ସରକାରୀ ଆଇଟିଆଇ ବିଦ୍ୟାର୍ଥୀମାନେ ବାସନ୍ତୀ କଲୋନୀ ସ୍ଥିତ ମା' ତାରିଣୀ ଡିଏଭି ବସ୍ତିକୁ ଯାଇ ସଫେଇ କରିଥବବା ଦେଖିବାକୁ ମିଳିଥିଲା। ଏଥିସହ ବସ୍ତିବାସୀଙ୍କୁ ସ୍ୱଚ୍ଛତା ନେଇ ଶପଥପାଠ କରାଯାଇଥିଲା। ପାନପୋଷ ସ୍ଥିତ ରେଳ ଟନେଲ ପାର୍ଶ୍ୱରେ ସରସ୍ୱତୀ ଶିଶୁ ମଣ୍ଡଳ ପକ୍ଷରୁ ସଫେଇ ଅଭିଯାନ କରାଯାଇଥିଲା। ଟନେଲ ପାଖରେ ଥିବା ଦୁଇଟି ବଡ ଗର୍ତ୍ତରେ ସର୍ବଦା ପାଣି ଜମି ରହୁଥିବାବେଳେ କମିଟିର ସମସ୍ତ କର୍ମକର୍ତ୍ତା ମାଟି ପକାଇ ସମତୁଲ କରିଥିଲେ। ସେହିପରି ସେକ୍ଟର-୪ ସ୍ଥିତ ରାଉରକେଲା କଲେଜରେ ରାଷ୍ଟ୍ରୀୟ ସେବା ଯୋଜନାର ସଂଯୁକ୍ତ ଶାଖା ପକ୍ଷରୁ ପ୍ରୋଗାମ ଅଫିସର କରୁଣାକର ପାଟଶାଣୀଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛତା ପାଇଁ ଶ୍ରମଦାନ ଓ ଶପଥ ପାଠ କରାଯାଇଥିଲା। ଏଥିରେ କଲେଜର ବହୁ ବିଦ୍ୟାର୍ଥୀ ଯୋଗ ଦେଇ କଲେଜ କ୍ୟାମ୍ପସ ସହ ଆଖାପାଖ ଅଞ୍ଚଳକୁ ସଫା କରିଥିଲେ। କଲେଜର ଅଧ୍ୟକ୍ଷା ସୁଜାତା ପ୍ରଧାନ ଓ ବାଳିକା ବିଭାଗର ପ୍ରୋଗାମ ଅଫିସର ରଶ୍ମିପ୍ରଭା ମଥାନଙ୍କ ସମେତ ସମସ୍ତ ପ୍ରାଧ୍ୟାପିକା ପ୍ରାଧ୍ୟାପକ ଉପସ୍ଥିତ ଥିଲେ। ସେକ୍ଟର-୧୯ ସ୍ଥିତ ଷ୍ଟେଟ ବ୍ୟାଙ୍କ ଶାଖା ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ୟାଙ୍କର କର୍ମଚାରୀ ଉପସ୍ଥିତ ରହି ଆଇଜିଏଚଠାରୁ ମୁଣ୍ଡା ମାର୍କେଟ ପରିସରକୁ ମଧ୍ୟ ସଫେଇ କରିଥିଲେ। ରିଜିଓନାଲ ମ୍ୟାନେଜର ଅସିମ କୁମାର ଘୋଷ, ସରୋଜ ରାଉତରାୟଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

# ଅଭାବୀ ଲୋକଙ୍କ ପାଇଁ ହିତକାରୀ କେନ୍ଦ୍ର ଉଦ୍‌ଘାଟିତ

ରାଉରକେଲା,୧।୧୦(ଦିନେଶ ମିଶ୍ର)

କୋଏଲନଗର ରୋଡ୍ ଝିରପାଣି ଥାନା ନିକଟରେ ଅଭାବୀ ଲୋକଙ୍କ ପାଇଁ ହିତକାରୀ କେନ୍ଦ୍ର ରବିବାର ଉଦ୍‌ଘାଟିତ ହୋଇଛି। ପଶ୍ଚିମାଞ୍ଚଳ ଡିଆଇଜି ନିତି ଶେଖର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏହି କେନ୍ଦ୍ର ସିଟି ବଜାର ପକ୍ଷରୁ ଖୋଲାଯାଇଥିବା ବେଳେ ଏଥିରେ ଅଭାବୀ ଲୋକଙ୍କ ପାଇଁ ପୁରୁଣା ପୋଷାକ, ଜୋତା, ବ୍ୟାଗ, ଟ୍ରାକସୁଟ୍ ଓ ଅନ୍ୟାନ୍ୟ ସାମଗ୍ରୀ ଉପଲବ୍ଧ ରହିବ। ଏହି କେନ୍ଦ୍ର ସ୍ମାର୍ଟସିଟି ରାଉରକେଲାରେ ପ୍ରଥମ ଥର ପାଇଁ ଖୋଲାଯାଇଥିବାରୁ ବହୁ ଗରିବ ଲୋକ ଉପକୃତ ହେବେ ବୋଲି ଅତିଥି ନିତି ଶେଖର ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସିଟି ବଜାର ମାଲିକ ରାଜୁ ସିଂ, ରାଜେଶ ପଟ୍ଟନାୟକ, ପ୍ରକାଶ ସେନାପତି, ଅନୀଲ ଗୁପ୍ତା, ଗୋପାଳ ସିଂଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।


ମୁଖ୍ୟ ଅତିଥି କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି।

# ବ୍ୟାଘ୍ର ଅନୁମାନ ତାଲିମ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଡିଏଫଓମାନଙ୍କ ସହ ଅନ୍ୟମାନେ ମଞ୍ଚାସୀନ।

ରାଉରକେଲା,୧।୧୦(ସଙ୍ଗୀତା ଜେନା)

ରାଉରକେଲା ପାନପୋଷ ବନ ବିଭାଗ କାର୍ଯ୍ୟାଳୟରେ ଓଡ଼ିଶା ବ୍ୟାଘ୍ର ଅନୁମାନ ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲା, ସୁନ୍ଦରଗଡ଼, ଦେବଗଡ଼, ବଣେଇ, କେନ୍ଦୁଝରର ବନ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଆରସିସିଏଫ୍ ଡ. ଅରୁଣ ମିଶ୍ରଙ୍କ ନେତୃତ୍ୱରେ ରାଉରକେଲା ଡିଏଫ୍‌ଓ ଯଶୋବନ୍ତ ସେଠୀ, ସୁନ୍ଦରଗଡ଼ ଡିଏଫ୍‌ଓ ପ୍ରଦୀପ ମିରାସେ, ବଣେଇ ଡିଏଫ୍‌ଓ ଲଳିତ ପାତ୍ର, ଦେବଗଡ଼ ଡିଏଫ୍‌ଓ ଏମ୍. ରାଓସେ ପ୍ରମୁଖ ତାଲିମରେ ଅଂଶଗ୍ରହଣ କରିଥିଲେ। ଏଥିରେ ବନାଞ୍ଚଳମାନଙ୍କରେ ପଗ୍ ମାର୍ଚ୍ଚ ଓ ଟ୍ରାପ କ୍ୟାମେରା ଲଗାଇବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଉରକେଲା ବନ ବିଭାଗ ଏସିଏଫ୍ ସୌମ୍ୟ ଗୋଛାୟତ ମୁଖ୍ୟ ତାଲିମଦାତା ଭାବେ ଯୋଗଦାନ କରିଥିଲେ।

## ରାଜ୍ୟସ୍ତରୀୟ ଲୟର୍ସ ୟୁନିୟନ କମିଟି ବୈଠକ

ରାଉରକେଲା,୧।୧୦
(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ବ୍ରାହ୍ମଣୀ କ୍ଲବଠାରେ ସର୍ବଭାରତୀୟ ଲୟର୍ସ ୟୁନିୟନ ପକ୍ଷରୁ ରାଜ୍ୟସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀଧର ପଙ୍ଗାରୀ ଅଧକ୍ଷତା କରିଥିବା ବେଳେ ସମ୍ପାଦକ ଦୀପକ ମହାପାତ୍ର ସାଙ୍ଗଠନିକ ତଥ୍ୟ ଉପସ୍ଥାପନ କରିଥିଲେ। ବୈଠକରେ ଓଡିଶାର ବିଭିନ୍ନ ଜିଲାରୁ ଆସିଥିବା ରାଜ୍ୟ କମିଟି ସଦସ୍ୟମାନେ ସାଙ୍ଗଠନିକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିବା ସହ ୟୁନିୟନ ସଦସ୍ୟ ସଂଖ୍ୟା ବାର ଆସୋସିଏଶନରେ ବୃଦ୍ଧି କରିବା, ମହିଳା ଓ ଯୁବ ଆଇନଜୀବୀଙ୍କ ସମ୍ମିଳନୀ ଶେଷ କରିବା ସହ ଡିସେମ୍ବର ମାସରେ କଲିକତାଠାରେ ସଙ୍ଗଠନର ସର୍ବଭାରତୀୟ ସମ୍ମିଳନୀକୁ ସଫଳ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଉଛି। ଏହି ବୈଠକରେ ଅଲ ଇଣ୍ଡିଆ ଲୟର୍ସ ୟୁନିୟନ ଜିଲା ସଭାପତି ରାମ ପ୍ରସାଦ ପଟ୍ଟନାୟକ, ରାଜ୍ୟ ଉପସଭାପତି ରାଧାକାନ୍ତ ଦାସ, ରାଜ୍ୟ ଯୁଗ୍ମ ସମ୍ପାଦକ ତଥା ସୁନ୍ଦରଗଡ ଜିଲା ସମ୍ପାଦକ ରାଜକିଶୋର ପ୍ରଧାନଙ୍କ ସମେତ ବରିଷ୍ଠ ଆଇନଜୀବୀମାନେ ଉପସ୍ଥିତ ରହିଥିଲେ।

# ଶ୍ରମଦାନ କଲେ ଛାତ୍ରୀଛାତ୍ର

ରାଉରକେଲା,୧।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ରବିବାର ସ୍ୱଚ୍ଛତା ପାଇଁ ଶ୍ରମଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ରାଷ୍ଟ୍ରୀୟ ସେବା ଯୋଜନାର ସଂଯୁକ୍ତ ଶାଖା ପକ୍ଷରୁ ବାଳକ ବିଭାଗର ସଂଯୋଜକ ଅଧାପକ ସମିର ସୌରଭ ପୃଷ୍ଟି ଏବଂ ବାଳିକା ବିଭାଗର ସଂଯୋଜିକା ଅଧାପିକା ରାମେଶ୍ୱରୀ ଭୋଇଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କଲେଜ ଅଧକ୍ଷ ବିଜୟ କୁମାର ବେହେରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ କହିଥିଲେ। ଏଥିରେ ରାଷ୍ଟ୍ରୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଯୋଗଦେଇ କଲେଜ ପରିସର ଓ ଛାତ୍ରୀବାସ ସଫେଇ କରିଥିଲେ। ଏହି ଅବସରରେ ସାମୂହିକ ଶପଥପାଠ ହୋଇଥିଲା। ଛାତ୍ରାବାସର ଭାରପ୍ରାପ୍ତ ଅଧିକାରୀ ତଥା ଅଧାପକ ଅଜୟ କୁମାର ବେହେରା, ସନିରାମ କେର୍କେଟା, ଅଧାପିକା ମମତା ବାକ୍ସଲା, ପ୍ରଦୀପ ଖେସ ଏବଂ ଆଭାସ କୁମାର ହୋତା ପ୍ରମୁଖ ନେତୃତ୍ୱ ନେଇଥିଲେ। ଏଥିରେ କଲେଜର ଯୁକ୍ତ ୨, ସ୍ନାତକ ଓ ସ୍ନାତକୋତ୍ତର ବିଭାଗର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସେହିପରି ରାଉରକେଲା ଶିଳ୍ପାଞ୍ଚଳବାସୀ ରବିବାର ଇସ୍ପାତ ସେଣ୍ଟ୍ରାଲ ମାର୍କେଟ, ଅଭିରାମପାଲି ବସ୍ତି ଓ ଆଇଜି ପାର୍କ ପରିସରସ୍ଥ ୪ଟି ସ୍ଥାନ ସଫେଇ କରିଥିଲେ। ଆର୍‌ଏସ୍‌ପି ଏବଂ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଏହି ଅଭିଯାନର ନେତୃତ୍ୱ ନେଇଥିଲେ। ଏଥିରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର୍. ସୂର୍ଯ୍ୟବଂଶୀ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା ତଥା ଆର୍‌ଏସ୍‌ପିର ଅନ୍ୟ ବହୁ ବରିଷ୍ଠ ଅଧିକାରୀ, ଇସ୍ପାତ ସେଣ୍ଟ୍ରାଲ ମାର୍କେଟର କର୍ମକର୍ତ୍ତା, ୧୬ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ଶିଳ୍ପାଞ୍ଚଳ ଜନସାଧାରଣଙ୍କ ସହ ସାମିଲ ହୋଇଥିଲେ। ସହର ପ୍ରଶାସନ ଓ ସିଏସ୍‌ଆର ବିଭାଗର ସିଜିଏମ ପି. କେ. ସ୍ୱାଇଁ ସାମୂହିକଙ୍କୁ ଶପଥ ପାଠ କରାଇଥିଲେ।


କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କଲେଜ ଛାତ୍ରୀଛାତ୍ର ।

## କାର୍-ବସ୍ ଧକ୍କା, ବୁଝାମଣା ପାଇଁ ଯାଇଥିବା ପୋଲିସ କର୍ମଚାରୀ ମୃତ

ରାଉରକେଲା,୧।୧୦(ସଙ୍ଗୀତା ଜେନା)

ଉଦିତନଗର ଥାନା ଅନ୍ତର୍ଗତ ବିରଜାପାଲ୍ଲୀ ଅଞ୍ଚଳରେ ରବିବାର ଅପରାହ୍ନରେ ଏକ କାର ଓ ବସ୍ ମଧ୍ୟରେ ଧକ୍କା ହୋଇ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ଘଟଣାକୁ ଆୟତ୍ତ କରିବାକୁ ଯାଇଥିବା ଜଣେ ପୋଲିସ କର୍ମଚାରୀଙ୍କ ସେଠାରେ ମୃତ୍ୟୁ ହୋଇଛି। ମୃତକ ହେଲେ ଉଦିତନଗର ଥାନାର ଏଏସଆଇ ଆଲିଶା ଲୁଗୁନ୍। ରିପୋର୍ଟ ଲେଖାଯିବା ସୁଦ୍ଧା (ରାତି ୯ଟା) ଏ ନେଇ ସମ୍ପୃକ୍ତ ଥାନାରେ କୌଣସି ଏତଲା ହୋଇ ନ ଥିବା ସୂଚନା ମିଳିଛି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ବିରଜାପାଲ୍ଲୀଠାରେ ଏକ କାର୍ ଓ ରାଜଗାଙ୍ଗପୁରରୁ ଆସୁଥିବା ଯାତ୍ରୀବାହୀ ବସ ରାଜା ଗୋଲ୍ଡ (ନଂ.ଓଆର୧୬ଇ/୦୯୬୫) ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ଉଭୟ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ଓ ମାଡ଼ପିଟ ହୋଇଥିଲା। କିଛି ଯୁବକ ପଥର ମାଡ଼ ମଧ୍ୟ କରିଥିଲେ। ଖବର ପାଇ ଘଟଣାକୁ ଆୟତ୍ତ କରିବା ପାଇଁ ଉଦିତନଗର ଥାନା ଏଏସ୍‌ଆଇ ଲୁଗୁନ ପିସିଆର ଭ୍ୟାନରେ ଘଟଣାସ୍ଥଳକୁ ଯାଇ ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏହି ସମୟରେ ଗହଳି ମଧ୍ୟରେ ଏଏସ୍‌ଆଇ ଲୁଗୁନ ଟଳି ପଡ଼ିଥିଲେ। ତାଙ୍କୁ ତୁରନ୍ତ ଆରଜିଏଚ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ମର୍ଗ ହାଉସରେ ରହିଛି। ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ଅପରପକ୍ଷେ ଉତ୍ତେଜନାରେ ଆହତ ବସ ଚାଳକଙ୍କ ସମେତ ୨ ଜଣଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଛି।

# ଭଞ୍ଜ ସାହିତ୍ୟରେ ରହିଛି ଅନ୍ତର୍ନିହିତ ବାର୍ତ୍ତା

ରାଉରକେଲା,୧।୧୦(ଦିନେଶ ମିଶ୍ର)

### କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ ପାଳିତ

ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାରର ସତ୍ୟବାଦୀ ସଭା ଗୃହରେ ଛେଣ୍ଡ ସାଂସ୍କୃତିକ ସଂଘ ଓ ଗୋପବନ୍ଧୁ ପାଠାଗାର ପକ୍ଷରୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ପ୍ରାଧ୍ୟାପକ ଗିରଜା ଶଙ୍କର ଗୋସ୍ୱାମୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଓଡିଶା ପ୍ରଶାସନିକ ଅଧିକାରୀ ମହେନ୍ଦ୍ର କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟରେ ସର୍ବଦା ସମାଜ ପାଇଁ ଅନ୍ତର୍ନିହିତ ବାର୍ତ୍ତା ରହିଥାଏ ବୋଲି ଅତିଥି ପଟ୍ଟନାୟକ ମତପ୍ରକାଶ କରିଥିଲେ। ପାଠାଗାର ସଭାପତି ଇଂ. ନବଘନ ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସଭାରେ ମୁଖ୍ୟ ବକ୍ତା ଭାବେ ଭଞ୍ଜ ସାହିତ୍ୟ ବିଶାରଦ ପ୍ରାଧ୍ୟାପକ ଡକ୍ଟର ଶାନ୍ତନୁ କୁମାର ରଥ ଯୋଗଦେଇ ଓଡିଶା ସାହିତ୍ୟରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଅବଦାନ ଉପରେ ଆଲୋଚନା କରିଥିଲେ। ସଙ୍ଗୀତଜ୍ଞ ଡା. ଶୁଶାନ୍ତ କୁମାର ପାଣି ଭଞ୍ଜ ରଚିତ ଭଜନ ଓ ସଙ୍ଗୀତ ପରିବେଷଣ କରିଥିଲେ। ଗୁରୁ ମନୋଜ ମିଶ୍ର ବାଦ୍ୟଯନ୍ତ୍ରରେ ସହାୟତା କରିଥିଲେ। ସଭାପତି ଗୋସ୍ୱାମୀ ସ୍ୱାଗତ ଭାଷଣ ସହ ସଂଘର ଦୀର୍ଘ ପନ୍ଦର ବର୍ଷର କାର୍ଯ୍ୟାବଳୀ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। ସାଂସ୍କୃତିକ ସଂଘର ସାଧାରଣ ସମ୍ପାଦକ କବି ରାଜୀବ ପାଣି ଅତିଥି ପରିଚୟ ପ୍ରଦାନ ସହ ଭଞ୍ଜ ସାହିତ୍ୟର ପ୍ରାସଙ୍ଗିକତା ଉପରେ ମତ ଦେଇଥିଲେ। ସଦସ୍ୟ ଲକ୍ଷ୍ମଣ ନାଥ ଦାସ, ଶର୍ମିଷ୍ଠା କବି ଶତପଥୀ, ହରିହର ଶତପଥୀ, ରବୀନ୍ଦ୍ର କୁମାର ରଥ, ସୁମନ ଦତ୍ତ, ଲକ୍ଷ୍ମଣ ନାୟକ, ବିଶ୍ୱନାଥ ଜେନା, ଶରତ ପାଣିଗ୍ରାହୀ, ଶଙ୍କର ପ୍ରସାଦ ତ୍ରିପାଠୀ, ଅଶୋକ ପଟ୍ଟନାୟକ, ଭଜହରି ବେହେରା, ରାଧାମୋହନ ନାୟକ, ଅଜୟ କୁମାର ପ୍ରଧାନ, ବିଭୂତି ଦାସ, ତ୍ରିଲୋଚନ ମିଶ୍ର, ହରିହର ନାୟକ, ସୁଦର୍ଶନ ସାହୁ, ଅଶୋକ ଶୁକ୍ଳା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବିଜୟ କୁମାର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।



ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି।

# ଓଡ଼ିଶାରେ ସୁଯୋଗ ମିଳିଲାନି, ଗୁଜରାଟରେ ହେଲେ ଫୁଟ୍‌ବଲ କୋଚ୍

ରାଉରକେଲା,୧।୧୦(ସଙ୍ଗୀତା ଜେନା)

### ସନ୍ତୋଷ ଟ୍ରଫି ଖେଳାଳି ବାସୁଦେବ ଛଞ୍ଚାନ




ଓଡ଼ିଶାରେ ଜଣେ ଫୁଟବଲ ଖେଳାଳିଙ୍କୁ ଉଚିତ ସୁଯୋଗ ମିଳିଲାନି। ତେଣୁ ସେ ଗୁଜୁରାଟ ଗଲେ। ଗୁଜୁରାଟ ସରକାର ତାଙ୍କୁ ରାଜକୋଟ ଜିଲା ଫୁଟବଲ କୋଚ୍ ଏବଂ ରାଜକୋଟ ରେଲୱେ ଡିଭିଜନର କୋଚ୍ ଭାବେ ନିଯୁକ୍ତ ଦେଲେ। ଏଭଳି ଜଣେ ପ୍ରତିଭା ହେଉଛନ୍ତି ରାଜଗାଙ୍ଗପୁର ବାଣ୍ଟୁପଡା ନିବାସୀ ତଥା ସେକ୍ଟର-୧୪ରେ ରହୁଥିବା ସନ୍ତୋଷ ଟ୍ରଫି ଖେଳାଳି ବାସୁଦେବ ଛଞ୍ଚାନ(୩୨)।

ବାସୁଦେବ ପିଲାଟି ଦିନୁ ରୁରାଲ ଫୁଟବଲ ଚାମ୍ପିୟନ ପିତା ଦିବଂଗତ ଅର୍ଜୁନ ଛଞ୍ଚାନ ଓ କକା ଜୟଦେବ ଛଞ୍ଚାନଙ୍କ ସଂସ୍ପର୍ଶରେ ଆସି ଫୁଟବଲ ଖେଳକୁ ଆଦରି ନେଇଥିଲେ। ସେକ୍ଟର-୬ ଇସ୍ପାତ ଷ୍ଟାଡ଼ିୟମରେ ଗୁରୁ ଅଜୟାନନ୍ଦ ପଟ୍ଟନାୟକ, ବାସିଲ ତିର୍କୀ, କିଶୋର ଦାସ, ଅକ୍ଷୟ ଦାସ ପ୍ରମୁଖଙ୍କୁ ମାର୍ଗଦର୍ଶକ ମଣି ଫୁଟବଲ ତାଲିମ ଗ୍ରହଣ କରିଥିଲେ। ୨୦୦୫ରେ କଟକରେ ଆୟୋଜିତ ଜୁନିୟର (୧୯ ବର୍ଷରୁ କମ୍)ରେ ବାସୁଦେବ ଜିଲା ଚାମ୍ପିୟନ ହୋଇଥିଲେ। ୨୦୦୫-୦୮ ପର୍ଯ୍ୟନ୍ତ ସାଇ ଟ୍ରେନିଂ ସେଣ୍ଟରରେ ସେ ତାଲିମ ଗ୍ରହଣ କରିଥିଲେ। ୨୦୦୮-୦୯ରେ ଆଣ୍ଡାମାନ ଓ ନିକୋବରରେ ଆୟୋଜିତ ୧୯ବର୍ଷରୁ କମ୍ ୫୪ତମ ସ୍କୁଲ ଗେମ୍ସରେ ସେ ଚାମ୍ପିୟନ ହୋଇଥିଲେ। ୨୦୦୮ରେ ଭୁବନେଶ୍ୱରରେ ୟାଜଦାନି କ୍ଲବ ପକ୍ଷରୁ ବାସୁଦେବ ଖେଳ ଆରମ୍ଭ କରିଥିଲେ। ୨୦୦୯ରେ ସର୍ବଭାରତୀୟ ସ୍ତରରେ ସିନିୟର ବର୍ଗରେ କଳିଙ୍ଗ କପ୍, ୨୦୦୯-୧୧ ପର୍ଯ୍ୟନ୍ତ ଭୁବନେଶ୍ୱରରେ ୟାଜଦାନି କ୍ଲବ ପକ୍ଷରୁ ଲିଗ୍ ଚାମ୍ପିୟନ, ଆସାମ ଗ୍ରୀନ ଭ୍ୟାଲି ୨୦୧୩-୧୪ରେ ଯୋଗଦାନ କରିଥିଲେ। ସେହିପରି ସନ୍ତୋଷ ଟ୍ରଫିରେ ଉଚ୍ଚକୋଟୀର ଖେଳ ମଧ ପ୍ରଦର୍ଶନ କରିଥିଲେ। ୨୦୧୫ରେ ପଶ୍ଚିମ ରେଲୱେ (ମୁମ୍ବାଇ)ରେ ଯୋଗଦେବା ପରେ ଗୁଜୁରାଟ ରାଜକୋଟରେ ବାସୁଦେବଙ୍କୁ ଡିଭିଜନ କୋଚ୍ ଓ ଜିଲା କୋଚ୍ ଭାବେ ପ୍ରତିନିଧିତ୍ୱ କରିବାର ସୁଯୋଗ ମିଳିଲା। ଅନ୍ୟ ଖେଳ ଭଳି ଫୁଟବଲକୁ ଗୁରୁତ୍ୱ ଦିଆଗଲେ ସୁନ୍ଦରଗଡ଼ରେ ବେଶ୍ ଫଳପ୍ରଦ ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଗୁଜୁରାଟରୁ ରାଉରକେଲା ଗସ୍ତ ଅବସରରେ ବାସୁଦେବ କହିଛନ୍ତି, ରାଉରକେଲାରେ ଗୁରୁମାନଙ୍କ ତାଲିମରେ ଫୁଟବଲରେ ବିଭିନ୍ନ ସ୍ଥାନରେ ଖେଳିବା ପରେ ବର୍ତ୍ତମାନ ରେଲୱେ ଫୁଟବଲ କୋଚ୍ ପି .ଭି ବିନୟଙ୍କ ତତ୍ତ୍ୱାବଧାନରେ ଖେଳ ଜାରି ରହିଛି। ରାଉରକେଲାକୁ ଫେରି ଫୁଟବଲ ଖେଳାଳିଙ୍କୁ ସୁଯୋଗ ତଥା ତାଲିମ ଦେବାକୁ ଇଚ୍ଛା ରହିଛି। ଅନ୍ୟ ଖେଳରେ ସୁନାମ ଅର୍ଜନ ସହ ଫୁଟବଲ ଖେଳରେ ମଧ୍ୟ ଜାତୀୟ ସ୍ତରରେ ଖେଳାଳିମାନେ ଜିଲାରେ ମହଜୁଦ ରହିଛନ୍ତି। ସୁନ୍ଦରଗଡ଼ ଜିଲାରେ ପ୍ରତିଭାଙ୍କ ଅଭାବ ନାହିଁ। କିନ୍ତୁ ସଙ୍ଗଠିତ ଭାବେ ଖେଳ ପରିଚାଳନା ଓ ତାଲିମ ପ୍ରଦାନ କରାଯାଉନାହିଁ। ଭିତ୍ତିଭୂମି ଅଭାବ ରହିଛି। ରାଜ୍ୟର ଅନେକ ଫୁଟବଲ ପ୍ରତିଭା ଏଠାରେ ସୁଯୋଗ ନ ପାଇ ବାହାର ରାଜ୍ୟକୁ ଚାଲିଯାଉଛନ୍ତି। ପୂର୍ବରୁ ଖେଳ କୋଟାରେ ଅନେକ ରାଷ୍ଟ୍ରାୟତ୍ତ କମ୍ପାନୀ ରୋଜଗାର ସୁଯୋଗ ଦେଉଥିଲେ। ବର୍ତ୍ତମାନ ତାହା ସୀମିତ ହୋଇଛି। ଖେଳାଳିମାନଙ୍କ ମଧ୍ୟରେ ସମନ୍ୱୟ ରହୁନି। ଏତେ ପ୍ରତିଭା ଥିଲେ ମଧ୍ୟ ଏକ ସ୍ୱତନ୍ତ୍ର ଟିମ୍ ସଙ୍ଗଠିତ ହୋଇ ନ ପାରିବା ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ସେ କହିଛନ୍ତି। ବିଶ୍ରା, ନୂଆଗାଁ ଭଳି ଅଞ୍ଚଳରେ ଅନେକ ଉଦଯୋଗୀ ପ୍ରତିଭା ରହିଛନ୍ତି। ଏଠାରେ ଏକ ଫୁଟବଲ ସ୍ପୋର୍ଟସ ହଷ୍ଟେଲ ନିର୍ମାଣ କରାଗଲେ ଭଲ ହୁଅନ୍ତା। ଏହି ଖେଳରେ ଥିବା ଅନେକ ପ୍ରତିଭା ଏବେ ମଧ୍ୟ ଆର୍ଥିକ ଅନଟନରେ ଗତି କରୁଥିବା ଦେଖାଯାଉଛି। ଏହା ପ୍ରତି ରାଜ୍ୟ ସରକାର ଯତ୍ନବାନ ହେବା ଉଚିତ। ଓଡ଼ିଶାକୁ ଆସିଲେ ଫୁଟବଲ ଖେଳାଳିଙ୍କୁ ଏକାଠି କରି ତାଲିମ ପ୍ରଦାନ କରିଥାଏ। ଅଧିକ ସୁଯୋଗ ମିଳିଲେ ଅନେକ କିଛି କରିପାରନ୍ତି ବୋଲି ଛଞ୍ଚାନ କହିଛନ୍ତି।

## ସଂକ୍ଷେପରେ

### ୩୦ କେଜି ଗଞ୍ଜେଇ ସହ ବୋଲେରୋ ଜବତ

**ରେଢାଖୋଲ,୧।୧୦(ଅଚ୍ୟୁତାନନ୍ଦ ପୁରୋହିତ)**

ସମ୍ବଲପୁର ଜିଲା ରେଢାଖୋଲ ପୋଲିସ ଶନିବାର ରାତିରେ ବୌଦ୍ଧ ରାସ୍ତାର କାଙ୍କଣପଡା ଛକରୁ ଏକ ବୋଲେରୋରୁ ୩୦କେଜି ଗଞ୍ଜେଇ ଜବତ କରିଛି। ତେବେ ଗଞ୍ଜେଇ ବ୍ୟବସାୟୀମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ପୋଲିସ କହିଛି। ସୂଚନାମତେ ଶନିବାର ରେଢାଖୋଲ ପୋଲିସ ରେଢାଖୋଲ-ବୌଦ୍ଧ ରାସ୍ତାରେ ପାଟ୍ରୋଲିଂ କରୁଥିବାବେଳେ କାଙ୍କଣପଡ଼ା ଛକରେ ଏକ ବୋଲେରୋ ନଂ. ଓଡି ୦୫ ଏଫ୍ -୩୭୫୦ ଠିଆ ହୋଇଥିବା ଦେଖି ସନ୍ଦେହରେ ପୋଲିସ ଯାଞ୍ଚ କରିଥିଲା। ଯାଞ୍ଚବେଳେ ଉକ୍ତ ବୋଲେରୋରୁ ୩୦କେଜି ଗଞ୍ଜେଇ ବାହାରିଥିଲା। ପୋଲିସ ବୋଲେରୋ ସହ ୩୦ କେଜି ଗଞ୍ଜେଇ ଜବତ କରିଛି। ଏ ନେଇ ରେଢାଖୋଲ ଥାନାରେ ଏକ ମାମଲା ରୁଜୁ ହୋଇଛି। ଜବତ ବୋଲେରୋ ନମ୍ବରକୁ ଭିତ୍ତିକରି ତଦନ୍ତ ଚାଲିଥିବା ଥାନା ଅଧିକାରୀ ସବିତାବାଳା ସେଠୀ କହିଛନ୍ତି।

### ଜଳବିଭାଜିକା ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ

**କୁଚିଣ୍ଡା,୧।୧୦(ବିରଞ୍ଚି ଦର୍ଜା)**

ସମ୍ବଲପୁର ଜିଲା କୁଚିଣ୍ଡା ମୃତ୍ତିକା ସଂରକ୍ଷଣ ବିଭାଗ ଆନୁକୂଲ୍ୟରେ ରବିବାର କୁଚିଣ୍ଡା ବ୍ଲକ ପାରୁଆଭାଡ଼ି ପଞ୍ଚାୟତର ରାମତିଲେଇମାଲ ଜଳବିଭାଜିକା ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଳବିଭାଜିକା କମିଟି ସଭାନେତ୍ରୀ ତପସ୍ୱିନୀ ନାଏକ ଓ ସମ୍ପାଦକ ଲିଙ୍ଗରାଜ ବାଘଙ୍କ ନେତୃତ୍ୱରେ ଅଙ୍ଗନୱାଡି କେନ୍ଦ୍ର ପରିସର ଓ ଗ୍ରାମରେ ସଫେଇ କରାଯାଇ ଲୋକଙ୍କୁ ସ୍ୱଚ୍ଛତା ଉପରେ ସଚେତନ କରିଥିଲେ। ଜଳବିଭାଜିକା ପକ୍ଷରୁ ଏହି କାର୍ଯ୍ୟକ୍ରମ ପାଳନ କରାଯାଇଛି। ଏଥିରେ ଉପସଭାପତି ପ୍ରଦୀପ୍ତ ଛତ୍ରିଆ, ଟିକେଶ୍ୱରୀ ବର, ରଶ୍ମିତା ବାରିକ, ବିଶାଖା ବେହେରା, ଗୌତମ ପଟେଲ, ଅମିତ ମାଝି, ଏସ୍ଏଚଜି ସଭାନେତ୍ରୀ ଉମା ନାଏକ, ଲଳିତା ନାଏକ, କ୍ଷିରୋଦ କିଷାନଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ମହିଳା ସାମିଲ ହୋଇଥିଲେ। ମୃତ୍ତିକା ସଂରକ୍ଷଣ ବିଭାଗର ବାପି ପ୍ରଧାନ ଓ ଶରତ ନାହାକ ପରିଚାଳନା କରିଥିଲେ।

### ଗୋଟିଏ ଦିନରେ ୩ବରିଷ୍ଠ ନାଗରିକଙ୍କ ଦେହାନ୍ତ

**ପଡ଼ିଆବାହାଲ, ୧।୧୦(ରାଧାମୋହନ ଷଡ଼ଙ୍ଗୀ)**

ଗତ ଶନିବାର ରାତିରେ ସମ୍ବଲପୁର ଜିଲା ବାହାମ ପଞ୍ଚାୟତ ଡୁମୁରିପଡ଼ା ଡାକ ବିଭାଗରେ କାମ କରି ଅବସର ନେଇଥିବା ବିପିନ ଗରଡିଆଙ୍କ ଦେହାନ୍ତ ହୋଇଯାଇଛି। ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମାପିତ ହୋଇଛି। ସେହିପରି ପଡ଼ିଆବାହାଲରେ କିରାନା ଦୋକାନ କରିଥିବା ଅଭି ପାତ୍ରଙ୍କ ବାପା ଅର୍ଜୁନ ପାତ୍ର (୮୩ )ଙ୍କ ବାର୍ଦ୍ଧକ୍ୟ ହେତୁ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଯାଇଛି। ପୁଅ ନାତି ଓ ପରିବାର ସ୍ୱଜନଙ୍କ ଗହଣରେ ସମ୍ବଲପୁର ରାଜଘାଟରେ ତାଙ୍କର ଦାହ ସତ୍କାର କରାଯାଇଛି। ବେତରା ପଡ଼ାର ଜଣାଶୁଣା ମାରବାଡ଼ି ଗୁରୁ ୭୫ ବର୍ଷ ବୟସରେ ନିଜ ଘରେ ଦେହାନ୍ତ ହୋଇଯାଇଛି। ନିଜ ସମାଜରେ ସେ ଗଣ୍ୟମାନ୍ୟ ଥିଲେ । ତାଙ୍କର ତିନି ପୁଅ ଗୋଟିଏ ବିବାହିତା ଝିଅ ଅଛନ୍ତି।

### ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ

**ସମ୍ବଲପୁର,୧।୧୦(ଶୁଭାଶିଷ ପାଢ଼ୀ)**

ଜିଲା ପ୍ରଶାସନ ଦ୍ୱାରା ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ରବିବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣ, ନ୍ୟାଶନାଲ କାଉନସିଲ ମେମ୍ବର ପ୍ରଫୁଲ୍ଲ ହୋତା, ଅବସରପ୍ରାପ୍ତ ଜିଲା ଜଜର୍ ଗୋପରଞ୍ଜନ ଦୁବେ, ଅତିରିକ୍ତ ଏସପି ହରେଶ ଚନ୍ଦ୍ର ପାଣ୍ଡେ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଥବିର କୁମାର ମହାନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳେ ବରିଷ୍ଠ ନାଗରିକ ଦିବସରେ ସଚେତନତା ରାଲି ନେଲସନ ମଣ୍ଡେଲ ଛକରୁ ବାହାରି ଜିଲା ସ୍କୁଲ ଛକ ପର୍ଯ୍ୟନ୍ତ ଯାଇଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ବରିଷ୍ଠ ନାଗରିକ ପାଇଁ ଯୋଗ, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ହୋଇଥିଲା। ଆଞ୍ଚଳିକ ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରର ଅଧିକାରୀ ରବୀନ୍ଦ୍ର ନାଥ ଶତପଥୀ ପରିଚାଳନା କରିଥିଲେ।

# ଖରାପ ରାସ୍ତାକୁ ତୁରନ୍ତ ମରାମତି ନିର୍ଦ୍ଦେଶ

## ଜିଲାସ୍ତରୀୟ ସଡ଼କ ନିରାପତ୍ତା ବୈଠକ

**ସମ୍ବଲପୁର,୧।୧୦ (ଶୁଭାଶିଷ ପାଢ଼ୀ)**


ସଡ଼କ ସୁରକ୍ଷା ନେଇ ବୈଠକରେ ଅତିରିକ୍ତ ଜିଲାପାଳ ଓ ଅନ୍ୟ ଅଧିକାରୀ।

ସଡ଼କ ସୁରକ୍ଷା ବୈଠକ ସ୍ଥାନୀୟ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁଙ୍କ ସମେତ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ବସ ମାଲିକ ସଂଘ, ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲାରେ ସଡକ ଦୁର୍ଘଟଣାଜନିତ ମୃତ୍ୟୁ ଶୂନ୍ୟ ହେବା ସହ ଜନସାଧାରଣଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବାକୁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଛନ୍ତି। ଗାଡି ଯାଞ୍ଚ କଡାକଡ଼ି ସହ କାଗଜପତ୍ର ନ ଥାଇ ଗାଡ଼ି ଚଳାଉ ଥିଲେ ଗାଡ଼ି ଜବତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ବିନା ହେଲମେଟରେ ଗାଡି ଚାଳନା, ଦ୍ରୁତଗତି, ବିନା ସିଟ୍ ବେଲ୍ଟରେ ଗାଡି ଚାଳନା, ମଦୁଆ ଡ୍ରାଇଭଙ୍କ ଉପରେ ନଜର ରଖି କାର୍ଯାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବେଆଇନ ପାର୍କିଂ ଇତ୍ୟାଦିକୁ ନଜର କରିବା ସହିତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଖରାପ ପଡିଥିବା ରାସ୍ତା ମରାମତି, ବିଭିନ୍ନ ସୂଚନାଫଳକ ଲଗାଇବା, ଅନଧିକୃତ ରୋଡ଼ ଡିଭାଇଡ଼ର, ବ୍ଲାକ ସ୍ପଟ, ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାରେ ହମ୍ପ ନିର୍ମାଣ, ବିଭିନ୍ନ ଡ୍ରାଇଭରଙ୍କୁ ନେଇ ସଚେତନତା କରିବା ଇତ୍ୟାଦି ଉପରେ ବୈଠକରେ ଆଲୋଚନା ହୋଇଥିଲା। ମୁଖ୍ୟତଃ ରାସ୍ତା ତୁରନ୍ତ ମରାମତି ସହିତ ସଚେତନକୁ ଗୁରୁତ୍ୱ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ୨୦୨୨ ଜାନୁଆରୀରୁ ଡିସେମ୍ବର ମଧ୍ୟରେ ମୋଟ ୫୧୯ ଟି ଦୁର୍ଘଟଣାରେ ୨୨୪ ଜଣଙ୍କ ମୃତ୍ୟୁ ଏବଂ ୩୭୭ ଜଣ ଆହତ ହୋଇଥିଲେ। ସେହିପରି ୨୦୨୩ ଜାନୁଆରୀ ୧ରୁ ଅଗଷ୍ଟ ୩୧ ମଧ୍ୟରେ ୨୬୯ ଦୁର୍ଘଟଣାରେ ୧୨୫ ଜଣଙ୍କ ମୃତ୍ୟୁ ଓ ୨୯୩ ଜଣ ଆହତ ହୋଇଛନ୍ତି। ୨୦୨୩ ଜାନୁଆରୀ ୧ରୁ ଅଗଷ୍ଟ ମଧ୍ୟରେ ମଦପିଇ ଗାଡି ଚାଳନା ପାଇଁ ୫୯୯, ଦ୍ରୁତ ଗତି ପାଇଁ ୪୦୯୩, ସିଟ ବେଲ୍ଟ ପାଇଁ ୬୭୨, ହେଲମେଟ ପାଇଁ ୧୭୩୧୪, ମୋବାଇଲ ଫୋନ ପାଇଁ ୧୮୩୭, ଓଭର ଲୋଡ଼ ପାଇଁ ୧୩୨, କ୍ଷମତାଠାରୁ ଅଧିକ ଯାତ୍ରୀ ପରିବହନ ପାଇଁ ୪୭ଟି କେଶ ପଞ୍ଜିକୃତ ହୋଇଥିବାବେଳେ ୧୫୧୯ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି।

## ତାଲୁକସ୍ତରୀୟ ଆଇନ ସଚେତନତା ଶିବିର

**ନାକଟିଦେଉଳ,୧।୧୦(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଘୋଷରାମାଳ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ରେଢାଖୋଲ ଆଇନ ତାଲୁକ ସେବା ସମିତି ପକ୍ଷରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରେଢାଖୋଲ ଆଇନ ତାଲୁକ ସେବା ସମିତିର ସଭାପତି ତଥା ଅତିରିକ୍ତ ଜିଲା ଦୌରା ଜଜ ଦିପ୍ତି ପ୍ରକାଶ ବ୍ରହ୍ମାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ହୃଷିକେଶ ଖମାରୀ ପ୍ରମୁଖ ଯୋଗ ଦେଇ ସରକାରଙ୍କ ବରିଷ୍ଠ ନାଗରିକମାନଙ୍କ ପାଇଁ ରହିଥିବା ବିଭିନ୍ନ ଯୋଜନା ଏବଂ ସହାୟତା ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ନାଗରିକମାନେ କୌଣସି ପ୍ରକାର ସଂକୋଚ ନ କରି ସେମାନଙ୍କ ସମସ୍ୟା ଏହି ଅଦାଲତରେ ଜଣାଇବାକୁ ଆହ୍ୱାନ ଦେବା ସହ ସେମାନଙ୍କର ସମସ୍ତ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ରେଢାଖୋଲର ସରକାରୀ ଓକିଲ ନାରାୟଣ ତ୍ରିପାଠୀ ପରିଚାଳନା କରିଥିଲେ। ଏଥିରେ ନାକଟିଦେଉଳ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସୁଦର୍ଶନ ସାହୁ, ବରିଷ୍ଠ ନାଗରିକ ତଥା ସାହିତ୍ୟିକ ରଘୁନାଥ ପ୍ରଧାନ, ଘୋଷରାମାଳ ସରପଞ୍ଚ ପ୍ରେମଶୀଳା ପ୍ରଧାନ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରବିନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ସରକାର ସମସ୍ତ ନାଗରିକଙ୍କ ପାଇଁ ସବୁ ପ୍ରକାର ଆଇନ ସହାୟତା ଯୋଗାଇ ଦେଉଥିବା ବେଳେ ଏଥିରେ କିପରି ସବୁ ବର୍ଗର ଅସହାୟ ବ୍ୟକ୍ତି ନିଜର ଅଧିକାର ସମ୍ପର୍କରେ ସହାୟତା ପାଇପାରିବେ ସେ ନେଇ ଆଲୋଚନା କରିଥିଲେ। ରେଢାଖୋଲ ଆଇନ ତାଲୁକ ସେବା ପ୍ରାଧିକରଣ ସମିତି ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଏଥିରେ ରିମାଣ୍ଡ ଓକିଲ ପରିକ୍ଷିତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ସ୍ୱଚ୍ଛତା ସପ୍ତାହ


ସମ୍ବଲପୁର ମଣ୍ଡଳ ପକ୍ଷରୁ ହୀରାକୁଦ ଡାହାଣ ପାର୍ଶ୍ୱରେ ସଫେଇ କରାଯାଉଛି।

### ହୀରାକୁଦ ରାଇଟ ଡାଇକରେ ଗଣସଫେଇ

**ସମ୍ବଲପୁର,୧।୧୦(ବି.ଶଙ୍କର)**

ପୂର୍ବତଟ ରେଳପଥ ସମ୍ବଲପୁର ମଣ୍ଡଳ ପକ୍ଷରୁ ରବିବାର ସ୍ୱଚ୍ଛତା ସପ୍ତାହ ପାଳନ କରାଯାଇଛି। ଏହି କ୍ରମରେ ହୀରାକୁଦ ରାଇଟ ଡାଇକ(ଡାହାଣ ପାର୍ଶ୍ୱ)ରେ ଗଣ ସଫେଇ କରାଯାଇଥିଲା । ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ବିନିତ ସିଂ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ପ୍ରକାଶ କୁମାର ପଟେଲ ଯୋଗଦେଇ ସ୍ୱଚ୍ଛତା, ଶ୍ରମଦାନ ବିଷୟରେ ବାର୍ତ୍ତା ଦେଇଥିଲେ। ଏଥିସହ ସମସ୍ତଙ୍କୁ ସ୍ୱଚ୍ଛତାର ଶପଥ ପାଠ କରାଇଥିଲେ। ଏହି ଅବସରରେ ସମ୍ବଲପୁର ମଣ୍ଡଳର ବିଭିନ୍ନ ଷ୍ଟେସନରେ ମଧ୍ୟ ଶ୍ରମଦାନ କରାଯାଇଥିଲା। କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସ୍ଥାୟୀ ବିକାଶ ଆଶାକୁ ଆଲୋଚନା ଚକ୍ର ହୋଇଥିଲା। ଏଥିସହ କ୍ଲିନ ଷ୍ଟେସନ ଅଭିଯାନ, ଯନ୍ତ୍ରପାତି ଏବଂ ଜିନିଷଗୁଡ଼ିକର ଠିକ ପରିଷ୍କାର ଓ ଉପଲବ୍ଧତା ଏବଂ ସଫେଇ କର୍ମଚାରୀଙ୍କ ପାଇଁ ପ୍ରତିରକ୍ଷା ଉପକରଣ ଇତ୍ୟାଦି ବ୍ୟବହାର ନିଶ୍ଚିତ କରାଯାଇଛି। ବୋର୍ଡରୁ ଟ୍ରେନ ଚଳାଇବା ସହିତ ମଣ୍ଡଳ ଦେଇ ଯାଉଥିବା ଟ୍ରେନଗୁଡିକରେ ସ୍ୱଚ୍ଛତା, କୋଚ, ଶୌଚାଳୟ, ବର୍ଥ, ବେସନ, ଦର୍ପଣ, ବିଦ୍ୟୁତିକ ଉପକରଣ, କ୍ଲିନ ଟ୍ରାକରେ ରେଲୱେ ଟ୍ରାକର କିପରି ସଫା କରୁଛନ୍ତି, ବିଭାଗର ବିଭିନ୍ନ କାର୍ଯ୍ୟାଳୟ, ରେଳ ଡାକ୍ତରଖାନା, ସ୍ୱାସ୍ଥ୍ୟ ୟୁନିଟ, କୋଚିଂ ଡିପୋ, ରେଲୱେ କଲୋନୀ, ରନିଂ ରୁମ, ୱେଟିଂ ରୁମ, ବିଶ୍ରାମ ଗୃହ, କ୍ୟାଣ୍ଟିନ, ଫୁଡ ଷ୍ଟଲ, ପ୍ୟାଣ୍ଟି କାର, ଚା ଦୋକାନରେ ସ୍ୱଚ୍ଛତା ଅଭିଯାନ କରାଯାଇଥିଲା । ଏହି ଉପଲକ୍ଷେ ବିବିଧ ପ୍ରତିଯୋଗିତା ମଧ୍ୟ ହୋଇଥିଲା।

## କୁଚିଣ୍ଡା କଲେଜରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

**କୁଚିଣ୍ଡା,୧।୧୦(ବିରଞ୍ଚି ଦର୍ଜା)**

ସମ୍ବଲପୁର ଜିଲା କୁଚିଣ୍ଡା ମହାବିଦ୍ୟାଳୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଆହାନରେ ଜାତିର ପିତା ମହାତ୍ମାଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ ପୂର୍ବକ ଏହି କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ଯୁବ ରେଡକ୍ରସ ଆୟୋଜିତ କରିଥିଲେ। ଏଥିରେ କଲେଜ ଅଧ୍ୟକ୍ଷା ସୁଚିତ୍ରା ମିଶ୍ର, ଉପଜିଲାପାଳ ବିଭୂତିଭୂଷଣ ନାୟକ, ଏନଏସି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ପ୍ରାଧ୍ୟାପକ ଡ଼. ଅମିୟ କୁମାର ପାତ୍ର ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପକ କିରଣ ମହାପାତ୍ର, ଟିକେଶ୍ୱର ଘୁଗର ,ଅଧ୍ୟାପିକା ସୁଭଦ୍ରା ଦାସ, ମଞ୍ଜୁଶ୍ରୀ ଦାସ, ହେମଶିଳା ମାଝି, ରିତୁପ୍ରିୟା ନାଏକ, ଯସ୍ମିନ ସାମନ୍ତ, ରାଜଶ୍ରୀ କନୱର, ଲାଇବ୍ରେରିଆନ କିଶୋର ମହାକୁଳ, ପିଇଟି ବିଜୟ କଉଡ଼ି, ଆଲମୁନି ଉପସଭାପତି ପ୍ରଭାତ ବେହେରା, ସାଧାରଣ ସମ୍ପାଦକ ବାବୁନି ମହାନ୍ତି, ପ୍ରଶାନ୍ତ ଶର୍ମା, ଗଗନ ଶର୍ମା, ଗଜେନ୍ଦ୍ର ଭୋଇ, ତନୟ ମହାପାତ୍ର ଓ ବିଜୁ ସାହୁଙ୍କ ସମେତ ନନ୍ଦିନୀ ଓ ଆଇଟିଡିଏ ଛାତ୍ରୀ ନିବାସର ଅନ୍ତେବାସୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଏନଏସ୍ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ବେଲମତୀ କୁମୁରା ଓ ଖୁର୍ସିଦହାରା ବେଗମ, ଯୁବ ରେଡକ୍ରସ ଅଧିକାରୀ ଅଧ୍ୟାପକ ଭିକାରି ଓରାମ ଓ ଦିବ୍ୟ ନାଗ,ଏନସିସି ଅଫିସର ରୋଶନ କୁଲୁ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ କଲେଜ ପରିସର ସଫେଇ ହୋଇଥିଲା।

## ଜିଲାସ୍ତରୀୟ ଖେଳକୁଦ ଚାମ୍ପିୟନଶିପ୍ ଉଦ୍‌ଯାପିତ

**କୁଚିଣ୍ଡା, ୧।୧୦(ବିରଞ୍ଚି ଦର୍ଜା)**



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ସମ୍ବଲପୁର ଜିଲା କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମରେ ଦୁଇଦିନ ଧରି ଚାଲିଥିବା ସମ୍ବଲପୁର ଜିଲାସ୍ତରୀୟ ଫୁଟବଲ, କବାଡି ଓ ଖୋଖୋ ଚାମ୍ପିୟନଶିପ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ.ମୁରଲୀଧର ବେହେରାଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ କୁଚିଣ୍ଡା ଉପଜିଲାପାଳ ବିଭୂତିଭୂଷଣ ନାୟକ ମୁଖ୍ୟ ଅତିଥି, ଡିପିଇଓ ସୁଜାତା ପଟ୍ଟନାୟକ, କୁଚିଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୀତା ପଧାନ, ଜିଲା ଶାରିରୀକ ଶିକ୍ଷକ ଜଗବନ୍ଧୁ ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌରାଙ୍ଗ କୁସୁମ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଖେଳକୁଦ ଦ୍ୱାରା ଛାତ୍ରୀଛାତ୍ରଙ୍କ ଶାରିରୀକ ଓ ମାନସିକ ସ୍ଥିତିର ଉନ୍ନତି ହୋଇଥାଏ ବୋଲି ଅତିଥିମାନେ କହିଥିଲେ। ଏହି ପ୍ରତିଯୋଗିତାରେ ସମ୍ବଲପୁର ଜିଲାର ୯ଟି ବ୍ଲକରୁ ମୋଟ ୫୦୫ କ୍ରୀଡାବିତ ଅଂଶଗ୍ରହଣ କରିଥିଲେ। ଏଥିରେ ୧୭ବର୍ଷରୁ କମ ବାଳକ ଫୁଟବଲରେ ଧନକଉଡା ବ୍ଲକ ଚାମ୍ପିୟନ ଓ ଜମନକିରା ବ୍ଲକ ରନର୍ସଅପ୍ ହୋଇଥିଲେ। ବାଳିକା ଫୁଟବଲରେ ଧନକଉଡା ବ୍ଲକ ଚାମ୍ପିୟନ ଓ ରେଙ୍ଗାଲି ବ୍ଲକ ରନର୍ସଅପ୍ ହୋଇଛନ୍ତି। ସେହିପରି କବାଡିରେ ୧୪ବର୍ଷରୁ କମ ବାଳକ ବିଭାଗରେ ବାମରା ବ୍ଲକ ଚାମ୍ପିୟନ ଓ ଜମନକିରା ବ୍ଲକ ରନର୍ସଅପ୍ ଏବଂ ବାଳିକା ବିଭାଗରେ ଧନକଉଡା ବ୍ଲକ ଚାମ୍ପିୟନ ଓ କୁଚିଣ୍ଡା ରନର୍ସଅପ୍ ହୋଇଛନ୍ତି। ଏହା ଛଡା ୧୭ବର୍ଷରୁ କମ ଖୋଖୋ ବାଳକ ବିଭାଗରେ ଯୁଯୋମୁରା ବ୍ଲକ ଚାମ୍ପିୟନ ଓ ଜମନକିରା ବ୍ଲକ ରନର୍ସଅପ୍ ହୋଇ ରାଜ୍ୟସ୍ତରୀୟ ଚାମ୍ପିୟନଶିପ ପାଇଁ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମ ପରିଚାଳନରେ ପ୍ରଧାନ ଶିକ୍ଷକ ରଣଜିତ ବରିହା, କମଳଲୋଚନ ବେହେରା, ଭବାନୀ ଶଙ୍କର ନାଏକ, ବେଦବ୍ୟାସ ପଟେଲ, ଚନ୍ଦ୍ରହାସ କର୍ଣ୍ଣ, ଶୁଶିଳ ତ୍ରିପାଠୀ ଏବଂ କ୍ରୀଡା ଶିକ୍ଷକ ଶ୍ରୀକାନ୍ତ ପଟେଲ, ପ୍ରଦୀପ କୁମାର ପଟେଲ, ସତ୍ୟରଞ୍ଜନ ପଣ୍ଡା, ଚନ୍ଦନ ମାକର, ହିମାଂଶୁ ପଟେଲ, ଜେହେରୁଲାଲ ପଟେଲ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଶରତ କୁମାର ପଶାୟତ ସଭାପରିଚାଳନା କରିଥିଲେ। ଜିଲା ଶାରିରୀକ ଶିକ୍ଷକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ହିରୋ ମିର୍ଦ୍ଧାପଡ଼ାରେ ପୁନା ଅନ୍ନା ଜୁହାର ଭେଟ



ପୁନା ଅନ୍ନା ଜୁହାର ଭେଟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ପଡ଼ିଆବାହାଲ, ୧।୧୦ (ରାଧାମୋହନ ଷଡ଼ଙ୍ଗୀ)**

ପଶ୍ଚିମ ଓଡିଶା ଆଦିବାସୀ ମିର୍ଦ୍ଧା କିଷାନ ସମାଜ ଓ ମହାଖଳା ଜୟନ୍ତପୁର ପକ୍ଷରୁ ରବିବାର ଡଙ୍ଗରପଡା ପଞ୍ଚାୟତର ହୀରୋ ମିର୍ଦ୍ଧାପଡାରେ 'ପୁନା ଅନ୍ନା ଜୁହାର ଭେଟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନଙ୍କୁ ପାରମ୍ପରିକ ଭାବେ ପୂଜା ବିଧି କରି ଆଦିବାସୀ ରୀତି ନୀତି ଓ ଗୀତ ନୃତ୍ୟର ତାଳେ ତାଳେ ଗ୍ରାମ ପରିକ୍ରମା କରି ମଞ୍ଚକୁ ପାଛୋଟି ଅଣାଯାଇଥିଲା। ଏହା ପରେ ମା' ସମଲେଶ୍ୱରୀଙ୍କ ନିକଟରେ ନାରୀକେଳ ଭାଙ୍ଗି ଏହି ଜୁହାର ଭେଟ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଆୟୋଜିତ ଉତ୍ସବରେ ଓଡିଶା ଶାଖା କିଷାନ ସମାଜର ଉପସଭାପତି ତଥା ପୂର୍ବତନ ବିଧାୟକ ବୃନ୍ଦାବନ ମାଝି ମୁଖ୍ୟଅତିଥି, ସମ୍ବଲପୁର ଜିଲା ପରିଷଦ ଉପାଧ୍ୟକ୍ଷ ମାଧବ ମିର୍ଦ୍ଧା, କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଆଞ୍ଚଳିକ ଗୁଡି ଆମକଟା ସଭାପତି ଆଦିତ୍ୟ କିଷାନ, ସମ୍ପାଦକ ସନୁଞ୍ଜୟ ଡନସେନା, ବାଲେଶ୍ୱର ମିର୍ଦ୍ଧା, ଦେବାନନ୍ଦ ମିର୍ଦ୍ଧା, ଚତୁର୍ଭୁଜ ମିର୍ଦ୍ଧା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଅଞ୍ଚଳର ସମାଜସେବୀ ତଥା ସୁବକ୍ତା ଡା.ରାଜାରାମ ଷଡଙ୍ଗୀ ଯୋଗଦାନ କରିଥିଲେ। ଏଥିରେ ନିତିନ ବିହାରୀ ମିର୍ଦ୍ଧା ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଚାନ୍ଦବିଲ୍ଲି କିଷାନ ଯୁବ ସଙ୍ଗଠନ ସମ୍ବଲପୁର ଓ ହୀରୋ ସଙ୍ଗଠନର ମିଳିତ ଉଦ୍ୟମ କ୍ରମେ କିଷାନ ସମାଜର ପାରମ୍ପରିକ ନୃତ୍ୟ, ଗୀତ ସହିତ ସମ୍ବଲପୁରୀ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଭେଟଘାଟ ଅବସରରେ ମହିଳାମାନଙ୍କ ଦ୍ୱାରା ଝୋଟି ଓ ପିଠା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଲଳିତ ମିର୍ଦ୍ଧା ସଂଯୋଜନା କରିଥିବାବେଳେ ସମ୍ବଲପୁର ଓ ହୀରୋ ସଙ୍ଗଠନର ଆକାଶ ମାଝି, ସଞ୍ଜିବ ମିର୍ଦ୍ଧା, ଗୌର ମିର୍ଦ୍ଧା, ଶତ୍ରୁଘନ ମିର୍ଦ୍ଧା, ସୁନିଲ ମିର୍ଦ୍ଧା, ଜଗଦିଶ ମିର୍ଦ୍ଧା, ପ୍ରମୋଦ ମିର୍ଦ୍ଧା ପ୍ରମୁଖ ପରିଚାଳନା କରିଥିଲେ।

## ସମ୍ବଲପୁର ଜିଲାରେ ୪୬ ନୂଆ ଷ୍ଟାର୍ଟଅପ ଆଇଡିଆ ସଂଗ୍ରହ

**ସମ୍ବଲପୁର, ୧।୧୦(ଶୁଭାଶିଷ ପାଢ଼ୀ )**

ଷ୍ଟାର୍ଟଅପ ଯାତ୍ରା ଓ ଷ୍ଟାର୍ଟଅପ ଏକ୍ସପ୍ରେସ ଚଳିତ ସେପ୍ଟେମ୍ବର ୩୦ତାରିଖ ସମ୍ବଲପୁର ଜିଲାର ବିଭିନ୍ନ ସ୍କୁଲ ଏବଂ କଲେଜ ପରିଦର୍ଶନ କରିଛି। ଜିଲାସ୍ତରରେ ଷ୍ଟାର୍ଟଅପ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ଲାଗି ଓ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ଅଭିଯାନ ଗତ ଶନିବାର ସମ୍ବଲପୁର ଜିଲାର ଆଇଆଇଏମ ସମ୍ବଲପୁର, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏବଂ ଭିସୁଟ ଗସ୍ତ କରିଥିଲା । ଏହି ଗସ୍ତ ସମୟରେ ସମ୍ବଲପୁର ଜିଲାରେ ସମୁଦାୟ ୪୬ ଟି ନୂଆ ଆଇଡିଆ ସଂଗ୍ରହ କରିଛି ଷ୍ଟାର୍ଟଅପ ଯାତ୍ରା, ଯେଉଁଥିରେ ସମୁଦାୟ ୩୫୩ ଜଣ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। କିଛି ଦିନ ତଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା ଷ୍ଟାର୍ଟଅପ ଯାତ୍ରା। ଉଦ୍ଭାବନ ଏବଂ ଉଦ୍ୟୋଗ କ୍ଷେତ୍ରରେ ତୃଣମୂଳ ସ୍ତରରେ ଯୁବ ମସ୍ତିଷ୍କମାନଙ୍କୁ ସଶକ୍ତ ଏବଂ ମାର୍ଗଦର୍ଶନ ପ୍ରଦାନ ଉପରେ ଧ୍ୟାନକେନ୍ଦ୍ରିତ କରିବା ଉଦ୍ଦେଶ୍ୟରେ ପ୍ରୟାସ କରୁଛି । ପୂର୍ବ ସଂସ୍କରଣର ଉଲ୍ଲେଖନୀୟ ସଫଳତା ପରେ ଚଳିତବର୍ଷ ଏହି ଷ୍ଟାର୍ଟଅପ ଯାତ୍ରା ୨୦୦ରୁ ଅଧିକ କଲେଜ ଏବଂ ୬୦ରୁ ଅଧିକ ବିଦ୍ୟାଳୟ ପରିଦର୍ଶନ କରି ଏହି ପ୍ରୟାସକୁ ଆହୁରି ଆଗକୁ ବଢ଼ାଇବାକୁ ଲକ୍ଷ୍ୟ ରଖିଛି । ଯାହାଦ୍ୱାରା ୨୫,୦୦୦ରୁ ଅଧିକ ଛାତ୍ରଛାତ୍ରୀ ଲାଭ ପାଇ ପାରିବେ ।

## ଚୋରି ବାଇକ୍ ଜବତ: ଚୋର ଗିରଫ

**ପଡ଼ିଆବାହାଲ, ୧।୧୦(ରାଧାମୋହନ ଷଡ଼ଙ୍ଗୀ)**

ଚଉଦ ମାସ ତଳେ ପଡ଼ିଆବାହାଲର ହରିହର ନାୟକଙ୍କ ଚୋରି ହୋଇଥିବା ଏକ ବାଇକକୁ ଗୌଡ଼ପାଲି ଫାଣ୍ଡି ଅଧୀନ ଖରସନମାଲ ମୁଣ୍ଡପଡା ଚନ୍ଦନ ମୁଣ୍ଡାଙ୍କଠାରୁ ସଦର ପୋଲିସ ଜବତ କରି ଅନୁସନ୍ଧାନ ଜାରି ରଖିଛି। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ରବିବାର ସକାଳେ ପୋଲିସ କର୍ମଚାରୀ ଘଟଣାସ୍ଥଳରୁ ମୋଟରସାଇକେଲ ଜବତ କରିଛନ୍ତି। ଚନ୍ଦନଙ୍କୁ ଗିରଫ କରିଛନ୍ତି। ମୋଟରସାଇକେଲର ନମ୍ବର ପ୍ଲେଟ ସହ ସାମାନ୍ୟ ବଦଳଅଦଳ କରି ଚଳାଉଥିବା ଜଣାପଡିଛି। ଅନୁସନ୍ଧାନ ଜାରି ରହିଛି। ସମ୍ପୃକ୍ତ ଚନ୍ଦନ ମୁଣ୍ଡା ପେସାଦାର ବାଇକ ଚୋର ହୋଇଥିବା ସହ ଏକ ଗୋଷ୍ଠୀ ଥିବା ଶୁଣାଯାଇଛି।

## ଫଟୋରେ ଖବର



ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ରବିବାର ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ସଚେତନତା ଶୋଭାଯାତ୍ରା।



ସ୍ୱଚ୍ଛତା ସଚେତନତା ନେଇ ରବିବାର ସମ୍ବଲପୁର ଜିଲାସ୍କୁଲ ଛକଠାରେ ବିକାଶ ସମୂହ ଅନୁଷ୍ଠାନ ଆୟୋଜିତ ପଥପ୍ରାନ୍ତ ସମ୍ବଲପୁରୀ ନାଟକ 'ଉରକୁଲା'ର ଏକ ଦୃଶ୍ୟ ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

କୁତ୍ରା,୧।୧୦(ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା ବିଜୁ ଏକ୍ସପ୍ରେସ୍ ୱେ କୁତ୍ରା ବସ୍‌ଷ୍ଟାଣ୍ଡ ନିକଟରେ ରବିବାର ସନ୍ଧ୍ୟାରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାଜଗାଙ୍ଗପୁରର ଅଜୟ ଶର୍ମା (୪୦)। ଏନେଇ କୁତ୍ରା ପୋଲିସ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ରବିବାର ସନ୍ଧ୍ୟାରେ ଅଜୟ ନିଜ ବାଇକ୍ ଓଡି ୧୬ ଏଫ୍ ୫୫୯୫ ଯୋଗେ କୁତ୍ରା ପଟୁ ରାଜଗାଙ୍ଗପୁରକୁ ଯାଉଥିବା ବେଳେ ରାଜ୍ୟ ରାଜପଥ କଡ଼ରେ ଛିଡା ହୋଇଥିବା ଟ୍ରେମ୍ପୁକୁ ଧକ୍କା ଦେଇଥିଲେ। ଫଳରେ ସେ ସେଠାରେ ଛିଟିକି ପଡି ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରି କୁତ୍ରା ଡାକ୍ତରଖାନାକୁ ଅଣାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ହତ୍ୟା ଘଟଣାକୁ ଅପମୃତ୍ୟୁ ମାମଲାର ମିଛ ଖବର
### ବାପାଙ୍କ ହତ୍ୟାକାରୀ ପୁଅ କୋର୍ଟ ଚାଲାଣ

କୁଆଁରମୁଣ୍ଡା,୧।୧୦(ମହେନ୍ଦ୍ର କୁମାର ସାହୁ)

ବୃଦ୍ଧ ବାପାଙ୍କୁ ଠେଙ୍ଗାରେ ପିଟି ପିଟି ଅଚେତ କରିବା ଓ ଏକ ଇଟାରେ ମୁଣ୍ଡକୁ ଛେଚିବା ପରେ ଆତ୍ମହତ୍ୟାର ରୂପ ଦେଇଥିବା ହତ୍ୟାକାରୀ ପୁଅ ଶେଷରେ ପୋଲିସ ହାତରେ ଧରାପଡିଛନ୍ତି। ଏଭଳି ଘଟଣା ଘଟିଛି ସୁନ୍ଦରଗଡ ଜିଲା ରାଏବୋଗା ଥାନା ଅଞ୍ଚଳରେ। ରାଏବୋଗା ଥାନା ଅଧିକାରୀ କୃପାସିନ୍ଧୁ ବାଘ ଉକ୍ତ ଅପମୃତ୍ୟୁ ମାମଲାର ଛାନଭିନ କରିବା ପରେ ପୁଅ ଗଣେଶ ବଡ଼ାଇକ (୨୪) ବାପା ସାଧୁ ବଡାଇକ (୫୮)ଙ୍କୁ ପିଟି ମାରିଥିବା ନେଇ ସ୍ୱୀକାର କରିଥିଲେ। ରବିବାର ପୋଲିସ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଏ ନେଇ ରାଏବୋଗା ଥାନାରେ ଦଫା ୩୦୨ରେ ଏକ ମାମଲା (ନଂ.୧୨୧/୨୩) ରୁଜୁ କରାଯାଇଛି ବୋଲି ଥାନାଧିକାରୀ ବାଘ ସୂଚନା ଦେଇଛନ୍ତି। ଏହି ଘଟଣା ଗତ ୨୫ ତାରିଖ ଅପରାହ୍ନରେ ଝୁନମୁର ପଞ୍ଚାୟତ ସାନକୁଚୁଲ ଗ୍ରାମରେ ଘଟିଥିବା ବେଳେ ଏହାକୁ ସେତେବେଳେ କେତେକ ଗଣମାଧ୍ୟମରେ ଆତ୍ମହତ୍ୟାର ରୂପ ଦିଆଯାଇ ଗଛରୁ ପଡ଼ି ବୃଦ୍ଧ ମୃତ ବୋଲି ଖବର ପ୍ରକାଶ ପାଇଥିଲା।

### ମାୟାବାହାଲ ଆଞ୍ଚଳିକ ରଜକ ସେବା ସଂଘର ନୂଆଁଖାଇ ଭେଟ୍‌ଘାଟ୍

ବାଲିଶଙ୍କରା,୧।୧୦(ହୁଦାନନ୍ଦ ବାରିକ)

ସୁନ୍ଦରଗଡ଼ ଜିଲା ସବ୍‌ଡେଗା ବ୍ଲକ ଗଇଲୋ ଗ୍ରାମରେ ମାୟାବାହାଲ ଆଞ୍ଚଳିକ ରଜକ ସେବା ସଂଘର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ସଂଘ ସମ୍ପାଦକ ସତ ସେଠଙ୍କ ନେତୃତ୍ୱରେ ନୂଆଁଖାଇ ଭେଟଘାଟରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ତଥା ଝାରସୁଗୁଡା ବାଟାଲିୟନର ଡେପୁଟି କମାଣ୍ଡାଣ୍ଟ ଭବାନୀ ଶଙ୍କର ସେଠ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସମାଜର ବରିଷ୍ଠ ନାଗରିକ ଭୂପତି ସେଠ, ଜିଲା କୋଷାଧ୍ୟକ୍ଷ ସାଧୁ ଚରଣ ସେଠ, ସଭାପତି ବିଶେଶ୍ୱର ସେଠ, ଉପସଭାପତି କୃପାନିଧି ସେଠ ଯୋଗଦେଇ ସମାଜର ବିକାଶ ଦିଗରେ ପଦକ୍ଷେପ ନେବା ପାଇଁ ଆହ୍ୱାନ ଦେଇଥିଲେ। ସମାଜର ପବିତ୍ର ମୋହନ ସେଠ ସଭା ପରିଚାଳନା ସହ ସମାଜର ଉନ୍ନୟନ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ଡେପୁଟି କମାଣ୍ଡାଣ୍ଟ ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

### ଡ୍ରାଇଭର ମହାସଂଘର ନୂଆଁଖାଇ ଭେଟ୍‌ଘାଟ

ବଡ଼ଗାଁ,୧।୧୦( ଅଶୋକ ଷଡ଼ଙ୍ଗୀ)

ବଡ଼ଗାଁ ବ୍ଲକ ଡ୍ରାଇଭର ମହାସଂଘ ପକ୍ଷରୁ ରବିବାର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଓ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ଡ୍ରାଇଭର ମହାସଂଘର କର୍ମକର୍ତ୍ତା ଏମ୍‌ଡି ସୁଲତାନ, ମନୋଜ ଏକ୍କା ଓ ସଞ୍ଜୀବ ବିଶି ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ଡ୍ରାଇଭର ମହାସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ କଣ୍ଟିଆମୁରା ଖେଳ ପଡିଆଠାରେ ସମବେତ ହେଲାପରେ ପରସ୍ପରକୁ ନୂଆଁଖାଇ ଜୁହାର ଜଣାଇଥିଲେ। ଏହାପରେ ଆୟୋଜିତ ବୈଠକରେ କେତେକ ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା। ମହାସଂଘର ହେମଗିରି ବ୍ଲକ ସଭାପତି ଗଙ୍ଗାଧର ମେହେର ୟୁନିଫର୍ମରେ ଗଲେ କମ୍ପାନୀ କର୍ମଚାରୀ କାମରେ ନିୟୋଜିତ କରୁ ନ ଥିବାରୁ ଏହା ଉପରେ କ'ଣ କରାଯିବ ଓ ସଂଘ କିପରି ସହଯୋଗ କରିବ ସେ ନେଇ ବିଚାର ବିମର୍ଶ ହୋଇଥିଲା। କମ୍ପାନୀ କର୍ମଚାରୀ ତାଙ୍କୁ କାମରେ ନିୟୋଜିତ ନ କଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମରେ ଡ୍ରାଇଭର ମହାସଂଘର ଉପ ସଭାପତି ରାମଚନ୍ଦ୍ର ସାହୁ, ସହ ସମ୍ପାଦକ ଦିବ୍ୟ ମେହେର, ସୁରେଶ ବାଡ଼ା, ସରପଞ୍ଚ ସୁଦୀପ ବାଡା, ଉପଦେଷ୍ଟା ସରୋଜ ମିଶ୍ର ଯୋଗ ଦେଇଥିଲେ।



ସୁନ୍ଦରଗଡ଼ରେ ସ୍ୱଚ୍ଛତା ଦିବସ।


ଲହୁଣୀପଡ଼ାରେ ଭାଜପା ପକ୍ଷରୁ ସ୍ୱଚ୍ଛତା ଅଭିଯାନ।

# ସ୍ୱଚ୍ଛ ଭାରତ ଅଭିଯାନରେ ସ୍ୱଚ୍ଛତା ଦିବସ

ସୁନ୍ଦରଗଡ, ୧।୧୦(ଜୟ ନାରାୟଣ ମେଣ୍ଡୁଲି)

ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଜରିଆରେ ରବିବାର ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନା ତରଫରୁ ସ୍ଥାନୀୟ ନାରୀ କଲ୍ୟାଣ ଚର୍ତୁପାର୍ଶ୍ୱରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଡାକ୍ତରଖାନା କର୍ମଚାରୀଙ୍କ ସମେତ ବିଭିନ୍ନ ସାମାଜିକ ସଙ୍ଗଠନ, ପୌରପାଳିକା ଓ ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହୋଇଥିଲେ। ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ପ୍ରକାଶ ଚନ୍ଦ୍ର ବଳ, ଡିପିଏମ୍ ଶଙ୍କର ଆଚାର୍ଯ୍ୟ, ହସ୍ପିଟାଲ ପରିଚାଳକ ନୂପୁର ଦାଶ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ନୂଆଗାଁ, (ବିଜୟତ୍ରିପାଠୀ):** ନୂଆଗାଁ ବ୍ଲକ ସୋରଡ଼ା ପଞ୍ଚାୟତ ଓ ହସ୍ପିଟାଲରେ ରବିବାର ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି। ଏହି ସ୍ୱଚ୍ଛ ଭାରତ ଅଭିଯାନରେ ହସ୍ପିଟାଲର ଫାର୍ମାସିଷ୍ଟ ମନୋଜ କୁମାର ସୁବୁଦ୍ଧି, ରବିଶଙ୍କର ଠାକୁର ଓ କର୍ମଚାରୀ ବିଭିନ୍ନ ସ୍ଥାନରେ ସଫା ସୁତୁରା କରିଥିଲେ। ଅନ୍ୟପଟେ ସୋରଡ଼ା ପଞ୍ଚାୟତର ମାର୍କେଟ ଆଖପାଖ ଅଞ୍ଚଳରେ ସଫା ସୁତୁରା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଲୋଚନ ଗୋପ, ପ୍ରଭା ଏକ୍କା, ବିନଦ ଯାଡେ, ମୋହେନ୍ଦ୍ର ଗ୍ୟାଲା, ବଳବନ୍ତ ସିଂ, ହିମାଂଶୁ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ୨୦ଟି ପଞ୍ଚାୟତରେ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ ହୋଇଥିଲା।

**କୁତ୍ରା, (ଦେବାଶିଷ ସାହୁ):** କୁତ୍ରାର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀଙ୍କ ତତ୍ତ୍ୱାବଧାନରେ କୁତ୍ରା ଦୁର୍ଗା ମଣ୍ଡପ, ହନୁମାନ ମନ୍ଦିର, ବସଷ୍ଟାଣ୍ଡ ଅଞ୍ଚଳରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ବ୍ଲକ ଅଧକ୍ଷା ଶାନ୍ତି ଲାକଡା, ଉପାଧକ୍ଷ କୌସ୍ତୁଭ ଭୂଷଣ ହୋତା, ସମସ୍ତ କର୍ମଚାରୀ, ମିଶନ ଶକ୍ତି ନେତ୍ରୀ ତରୁଣୀଲତା ସୁନାନୀ, ମନ୍ଦାକିନି ପଟେଲ, ଅନ୍ୟାନ୍ୟ ମିଶନ ଶକ୍ତି ସଦସ୍ୟା, ଗଏରବାହାଲସ୍ଥିତ ବୀର୍ସା ମୁଣ୍ଡା କଲେଜର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଅଧିକାରୀ ଡ. ଶ୍ରୀକାନ୍ତ ଟପ୍ପୋଙ୍କ ତତ୍ତ୍ୱବଧାନରେ ଜଗନ୍ନାଥ ମନ୍ଦିର ପରିସର, ବସ୍ତିର ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ସରପଞ୍ଚ ଭୁବନ କୁଜୁର, ପିଏଚଇଓ ଭାଦୁଆ ଓରାମ, ବିଭିନ୍ନ କ୍ଳବର ସଦସ୍ୟମାନେ ଉପସ୍ଥିତ ଥିଲେ। ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ଓ ଜିଲା ସ୍କାଉଟ କମିଶନ ବିଭୀଷଣ ବାରିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ସ୍ୱଚ୍ଛତା ଅଭିଯାନର ଉଦ୍‌ଘାଟନ କରିଥିଲେ। ପରେ ବିଦ୍ୟାଳୟର ସ୍କାଉଟ ଗାଇଡ, ଜୁନିୟର ରେଡକ୍ରସର ୫ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଦ୍ୟାଳୟ ପରିସରରେ ସଫେଇ କାର୍ଯ୍ୟକରିଥିଲେ। ଏହାପରେ ଏକ ସଚେତନତା ରାଲି ବାହାରିଥିଲା। ଏଥିସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ଭାଗ ସଫାକରିଥିଲେ। ପରେ ବରତଲପଡାକୁ ସଂଯୋଗ କରିଥିବା ରାସ୍ତା ପରିଷାର କରୁଥିବାବେଳେ କୁତ୍ରା ବିଡିଓ ରବିନ୍ଦ୍ର କୁମାର ସେଠୀ ପହଞ୍ଚି ସ୍ୱଚ୍ଛତା ହିଁ ସେବା ଉପରେ ନିଜର ବକ୍ତବ୍ୟ ରଖି ଛାତ୍ରୀଛାତ୍ରୀଙ୍କ ଏଭଳି ଉଦ୍ୟମକୁ ପ୍ରଶଂସା କରିଥିଲେ। ସେହିପରି ଡାଲମିଆ କଲେଜରେ ମଧ ଅଧକ୍ଷା ଡ. ହିରନ ଲୁଗୁନଙ୍କ ଅଧକ୍ଷତାରେ କଲେଜ ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


କୁଆଁରମୁଣ୍ଡାରେ ସ୍ୱଚ୍ଛତା ଅଭିଯାନ।



କୁତ୍ରାରେ ସ୍ୱଚ୍ଛତା ଦିବସ ଅବସରରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

**କୁଆଁରମୁଣ୍ଡା,(ମହେନ୍ଦ୍ର କୁମାର ସାହୁ):** କୁଆଁରମୁଣ୍ଡା ବ୍ଲକ ଓ ବୀରମିତ୍ରପୁର ପୌରାଞ୍ଚଳରେ ସଫେଇ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ସର୍ବପୁରାତନ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟ, ପଦମପୁର ସରକାରୀ ଉନ୍ନୀତ ସମେତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଆସି ସଫେଇ କରିଛନ୍ତି। ସେହିପରି ବୀରମିତ୍ରପୁର ପୌରାଞ୍ଚଳର ସମସ୍ତ ୧୧ଟି ୱାର୍ଡରେ ପୌରାଧ୍ୟକ୍ଷ ସନ୍ଦୀପ ମିଶ୍ର ଓ ନିର୍ବାହୀ ଅଧିକାରୀ ସମ୍ପିତ ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ କର୍ମଚାରୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନେ ସାମିଲ ହୋଇ ଝାଡୁ ମାରି ବିଭିନ୍ନ ୱାର୍ଡ ସଫେଇ କରିଥିଲେ। ସେହିପରି ବୀରମିତ୍ରପୁର ୧ ନମ୍ବର ୱାର୍ଡରେ ବିଧାୟକ ଶଙ୍କର ଓରାମ, ବିଧାୟକଙ୍କ ପ୍ରତିନିଧି ସୁନିଲ ତିୱାରୀ ପ୍ରମୁଖ ସଫେଇ କାର୍ଯ୍ୟରେ ସାମିଲ ହୋଇ ନିଜେ ଝାଡୁମାରି ସଫେଇ କରିଥିଲେ।

**ବଡ଼ଗାଁ,(ଅଶୋକ ଷଡ଼ଙ୍ଗୀ):** ବଡ଼ଗାଁ ସ୍ଥିତ ଶିଳ୍ପ ତାଲିମ୍ କେନ୍ଦ୍ର ପକ୍ଷରୁ ଭାରତ ସ୍କାଉଟ,ଗାଇଡ ଆନୁକୂଲ୍ୟରେ ରବିବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ସାରଦା ପ୍ରସନ୍ନ ଜେନା, ବିପିଏମ୍ ଅରୁଣ ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହାପରେ ରେଞ୍ଜର ସରିତା କମାର, ଦୁରତୀ ବଡାଇକ, ରୋଭର ସୌରଭ ପଣ୍ଡା ଓ ଶିଳ୍ପ ତାଲିମ୍ କେନ୍ଦ୍ରର କର୍ମଚାରୀ ସତ୍ୟେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର ବଡ଼ଗାଁ ବସଷ୍ଟାଣ୍ଡରୁ ମେଡିକାଲ୍ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱକୁ ସଫା କରିବା ସହିତ ଦୋକାନୀଙ୍କୁ ପରିବେଶ ସ୍ୱଚ୍ଛ ରଖିବା, ଅଳିଆ ଆବର୍ଜନା ଏଣେ ତେଣେ ନ ପକାଇବାକୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଶିଳ୍ପ ତାଲିମ୍ କେନ୍ଦ୍ରର ଲିଓ କ୍ଲବ୍ ସଭାପତି ରୋଜାଲିନ ସଏଙ୍କ ସହିତ କ୍ଲବର ସମସ୍ତ ସଦସ୍ୟ ସାମିଲ ଥିଲେ।

**ଲାଠିକଟା,(ରାମେଶ୍ୱର ଖାଡେଙ୍ଗା):** ଲାଠିକଡ଼ା ବ୍ଲକରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ମନାସୋନି ଦାସଙ୍କ ନେତୃତ୍ୱରେ ସମସ୍ତ କର୍ମଚାରୀ ମିଶି ବଜାରରେ ସଫେଇ କରିଥିଲେ। ଏହି କାର୍ଯ୍ୟକୁ ସମସ୍ତେ ଭୂରି ଭୂରି ପ୍ରଶଂସା କରିଛନ୍ତି।

**ଲହୁଣୀପଡ଼ା,(ଦାଶରଥି ପଣ୍ଡା):** ଭାରତୀୟ ଜନତା ପାର୍ଟି ଖୁଣ୍ଟଗାଁ ମଣ୍ଡଳ ପକ୍ଷରୁ କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଦୀପ ସ୍ୱାଇଁଙ୍କ ନେତୃତ୍ୱରେ କୁଲିପୋଷ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଓ ରାସ୍ତା ଦୁଇ କଡରେ ସଫେଇ କାର୍ଯ୍ୟ କରାଯାଇଥିଲା। ଏହା ସହ ଅଞ୍ଚଳର ନଳକୂପ ଗୁଡ଼ିକର ଚାରିକଡ ମଧ ସଫା କରାଯାଇ ବ୍ଳିଚିଂ ପାଉଡର ଛିଞ୍ଚନ କରାଯାଇଥିଲା। ସଫେଇ କାର୍ଯ୍ୟକ୍ରମରେ ଭାଜପା ବଣାଇଁ ସାଂଗଠନିକ ଜିଲା ସଭାପତି ଅନିଲ କୁମାର ବାର୍ଲାଙ୍କ ସହ ଅଭିମନ୍ୟୁ ସାହୁ, ଲଳିତ ମୋହନ ପ୍ରଧାନ, ଗୌରୀ ଶଙ୍କର କାଲୋ, ଚନ୍ଦ୍ର ଶେଖର ସାହୁ, ଯୁଧିଷ୍ଠିର ସାହୁ, ହେମନ୍ତ ସାହୁ, ଦିବ୍ୟ ସାହୁ, ପ୍ରତାପ ସାହୁ, ଲିପୁନ ପ୍ରଧାନ, କୁମୁଦ ପ୍ରଧାନ, ଉମାକାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସେହି ଭଳି କ. ବଲାଙ୍ଗ ମଣ୍ଡଳର ବିମଳା ଗଡ଼ଠାରେ ଜିଲା ଉପ ସଭାପତି ମହେଶ ଶାହାଙ୍କ ନେତୃତ୍ୱରେ ସଫେଇ କାର୍ଯ୍ୟ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରି ଜୟନ୍ତୀ ମାହନ୍ତଙ୍କ ସହ ମଣ୍ଡଳ ସଭାପତି ମାଦି ଓରାମ, ବରିଷ୍ଠ କାର୍ଯ୍ୟକର୍ତ୍ତା ହେମେନ୍ଦ୍ର ମାହାନ୍ତ, ବିମୋଲ ବୋଦ୍ରା ଓ ଅନ୍ୟ ପ୍ରମୁଖ କାର୍ଯ୍ୟ କର୍ତ୍ତା ଉପସ୍ଥିତ ଥିଲେ। ଜାମଡିହିସ୍ଥିତ ୫୨୦ ଜାତୀୟ ରାଜପଥର ଟୋଲ୍ ଗେଟ୍‌ରେ ଆୟୋଜିତ ସଫେଇ କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ଅନିଲ କୁମାର ବାର୍ଲା ଉପସ୍ଥିତ ଥିଲେ।

## ସୁନ୍ଦରଗଡ଼ରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ

ସୁନ୍ଦରଗଡ଼,୧।୧୦ (ଜୟ ନାରାୟଣ ମେଣ୍ଡୁଲି )

ସୁନ୍ଦରଗଡ଼ ଜିଲା ପ୍ରଶାସନ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲଠାରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ହବଡା ସିଂ ଏହି କାର୍ଯ୍ୟକ୍ରମ ଆୟୋଜନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବରିଷ୍ଠ ନାଗରିକଙ୍କ ନିମନ୍ତେ ଉର୍ଦ୍ଦିଷ୍ଟ ବିଭିନ୍ନ ସରକାରୀ ସୁବିଧା ଗୁଡ଼ିକୁ ସେମାନେ ଉପଲବ୍ଧି କରିବାକୁ ନେଇ ଆଲୋଚନା କରିଥିଲେ। ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମାଜରେ ବରିଷ୍ଠ ନାଗରିକଙ୍କ ଆବଶ୍ୟକତା ଏବଂ ସେମାନଙ୍କର ଉପଯୁକ୍ତ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ସେହିପରି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେନ୍ଦ୍ର ମାଝି ବରିଷ୍ଠ ନାଗରିକଙ୍କ ନିରାପତ୍ତା ଓ ସୁରକ୍ଷା ସମ୍ପର୍କିତ ଅଧିନିୟମ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ସୁକାନ୍ତ ଦାସ ପରିବହନ ବିଭାଗ ଦ୍ୱାରା ଦିଆଯାଉଥିବା ସୁବିଧା ସୁଯୋଗ ଗୁଡିକ ଉପରେ କହିଥିଲେ ଏବଂ ଗାଡ଼ି ଚାଳନା ସମୟରେ ସଡ଼କ ସୁରକ୍ଷା ସମ୍ପର୍କିତ ନିୟମ ପାଳନ କରିବାକୁ ନେଇ ନିଜ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଧ ଆୟୋଜନ କରାଯାଇଥିଲା ଏବଂ ମାଗଣା ଔଷଧ ମଧ ବଣ୍ଟନ କରାଯାଇଥିଲା। ଏଥିରେ ପ୍ରାୟ ୧୭୮ ଜଣ ବରିଷ୍ଠ ନାଗରିକ ନିଜର ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। କାର୍ଯ୍ୟକ୍ରମରେ ଯୋଗ ଶିବିର ମଧ ଆୟୋଜନ ହୋଇଥିଲା। ଏଥିରେ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ସେହିପରି ୧୦୦ ବର୍ଷ ଅତିକ୍ରାନ୍ତ କରିଥିବା ୫ଜଣ ବରିଷ୍ଠ ନାଗରିକଙ୍କୁ ଏହି ଅବସରରେ ଜିଲା ପ୍ରଶାସନ ଦ୍ୱାରା ସମ୍ବର୍ଦ୍ଧିତ କରଯାଇଥିଲା। ପରେ ପରେ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସଦର ଉପଜିଲାପାଳ ଦାଶରଥି ସରାବୁ, ବିଭାଗୀୟ କର୍ମଚାରୀ, ବରିଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅତିଥି ବୃନ୍ଦ।

## ନୂଆଗାଁର ବିଭିନ୍ନ ସ୍କୁଲରେ ମେରି ମିଟି ମେରା ଦେଶ କାର୍ଯ୍ୟକ୍ରମ

ନୂଆଗାଁ, ୧।୧୦(ବିଜୟ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକର ସମସ୍ତ ବିଦ୍ୟାଳୟରେ ଶନିବାର ମେରି ମିଟି ମେରା ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳୁ ଶିକ୍ଷୟିତ୍ରୀ, ଶିକ୍ଷକ ଓ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ରହି ଦେଶ ଆଧାରିତ ବିଭିନ୍ନ ଗୀତ ଓ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ସେହିପରି ସୋରଡ଼ା ସ୍କୁଲର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଏହି ଶୋଭାଯାତ୍ରାରେ ସ୍ୱାଧୀନତା ସଂଗ୍ରାମୀଙ୍କ ଫୋଟଚିତ୍ର ଓ ଫ୍ଲାକାର୍ଡ ଧରି ବିଭିନ୍ନ ନାରା ଦେଇ ଗ୍ରାମ ପରିକ୍ରମା କରିଥିଲେ । ଏଥିସହିତ ବିଦ୍ୟାଳୟରେ ପିଲାଙ୍କ ମଧ୍ୟରେ ଦେଶାତ୍ମକ ବୋଧକ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଡିଗ୍ରୀ କଲେଜରେ ଶ୍ରମଦାନ, ସ୍ୱଚ୍ଛତା କାର୍ଯ୍ୟକ୍ରମ

ବଡ଼ଗାଁ,୧।୧୦( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁସ୍ଥିତ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ୩ଦିନଧରି ଜାତୀୟ ସେବା ଯୋଜନାର ସ୍ୱଚ୍ଛତା ଓ ଶ୍ରମଦାନ କାର୍ଯ୍ୟ କରାଯାଇଥିଲା। ପ୍ରଥମ ଦିବସରେ କଲେଜ ପରିସରରେ ବୈଠକ କରି ସଫେଇ କାର୍ଯ୍ୟକ୍ରମର ଉପାଦେୟତା ଉପରେ କଲେଜ ଅଧକ୍ଷା ବନଜା ରାଣୀ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆଲୋଚନା ହୋଇଥିଲା। ଦ୍ୱିତୀୟ ଦିବସରେ ଏହି କାର୍ଯ୍ୟକ୍ରମକୁ ଅଧକ୍ଷା ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଏନ୍‌ଏସ୍‌ଏସ୍ ସଂଯୋଜକ ସୁଶାନ୍ତ ବିଶି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧାପକ ତାପସ କର, ଲକ୍ଷ୍ମୀକାନ୍ତ ସାହୁ, ହେମନ୍ତ ପଣ୍ଡା, ପିଇଟି ଜିତେନ୍ଦ୍ର ବୁଡା, କର୍ମଚାରୀ ଝରଣା ସାହୁ ସହଯୋଗ କରିଥିଲେ। ତୃତୀୟ ଦିବସରେ କଲେଜ ଛାତ୍ରୀଛାତ୍ର, ଅଧାପିକା ଅଧାପକ ଓ କର୍ମଚାରୀ ବିଭିନ୍ନ ସ୍ଲୋଗାନ ଦେଇ କଣ୍ଟିଆମୁରା ବସଷ୍ଟାଣ୍ଡକୁ ଯାଇଥିଲେ। ସେଠାରେ ସମସ୍ତେ ସଫେଇ କାର୍ଯ୍ୟ କରିଥିଲେ।


ଛାତ୍ରୀଛାତ୍ରମାନେ ସଫେଇ କାର୍ଯ୍ୟ କରୁଛନ୍ତି।

## ଆରମ୍ଭ ହେଲା ତୃତୀୟ ସୁନ୍ଦରଗଡ଼ କ୍ରିକେଟ୍ ଲିଗ୍

ସୁନ୍ଦରଗଡ,୧।୧୦(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଭବାନୀ ଭବନ ବହୁମୁଖି ଖେଳ ପଡିଆରେ ରବିବାରଠାରୁ ତୃତୀୟ କ୍ରିକେଟ୍ ଲିଗ୍ ଆରମ୍ଭ ହୋଇଯାଇଛି। ଇଣ୍ଡିଆନ ପ୍ରିମିୟର ଲିଗ୍ ଭଳି ୧୨୦ ବରିଷ୍ଠ ଅଭିଜ୍ଞ ଓ ଯୁବ ପ୍ରତିଭାଙ୍କୁ ପଞ୍ଜିକରଣ କରି ୬ଟି ଦଳରେ ଅଙ୍କଭିତ୍ତିକ ନିଲାମ ମାଧ୍ୟମରେ ଦଳଭୁକ୍ତ କରାଯାଇଥିଲା। ଶୋଭନ ଇଲେଭେନ, ମହାକାଲ୍ ବଏଜ୍, ସାଇନିଂ ଷ୍ଟାର, ଜେଣ୍ଟେଲମେନ୍ ଇଲେଭନ୍, ଫ୍ୟୁଚର୍ ଷ୍ଟାର୍ ଓ ସାଗରିକା ଇଲେଭେନ୍ ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍ ଶୋଭନ ଇଲେଭେନ ଓ ଜେଣ୍ଟେଲମେନ୍ ଇଲେଭନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଶୋଭନ ଇଲେଭେନ ଦଳ ଟସ୍ ଜିଣି ଫିଲଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଜେଣ୍ଟେଲମେନ୍ ଇଲେଭନ୍ ଦଳ ସଞ୍ଜୟ ଖୁଣ୍ଟିଆଙ୍କ ୫୬ରନ୍ (୩୨ ବଲ୍), ନବୀନଙ୍କ ୨୧ ରନ୍ (୧୭ ବଲ୍) ଓ ଶିବାଶିଷଙ୍କ ୨୦ରନ୍ (୧୭ ବଲ୍) ସହାୟତାରେ ନିର୍ଦ୍ଧାରିତ ୨୦ ଓଭର୍‌ରେ ୬ ଉଇକେଟ ହରାଇ ୧୫୪ ରନ୍ କରିଥିଲା। ୧୫୫ ରନ୍‌ର ପିଛା କରି ଶୋଭନ ଇଲେଭେନ୍ ଦଳ ସନ୍ତୋଷ ସେଠୀଙ୍କ ୨୨ ରନ୍(୨୬ ବଲ୍), ଅସିତ ତିର୍କୀଙ୍କ ୨୬ ରନ୍(୨୦ ବଲ୍) ଓ ସୁରଜ୍ ସିଂହଙ୍କ ୨୦ ରନ୍(୮ବଲ୍) ସହଯୋଗରେ ୬ ଉଇକେଟ ହରାଇ ୧୫୫ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଅଲ୍ ରାଉଣ୍ଡ ପ୍ରଦର୍ଶନ ପାଇଁ ଶୋଭନ ଇଲେଭେନ୍ ଦଳର ସନ୍ତୋଷ ସେଠୀ (୨୨ରନ୍, ୨ ଉଇକେଟ) ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ସଦର ବିଧାୟିକା କୁସୁମ୍ ଟେଟେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ସଂସଦର କ୍ରିକେଟ୍ ସମ୍ପାଦକ ଶିଶିର ପଟେଲ ଓ ଜିଲା କ୍ରୀଡ଼ା ସଂସଦର କାଉନସିଲ ସଦସ୍ୟ ବିଶ୍ୱରଞ୍ଜନ ହୋତା ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ମ୍ୟାଚ୍ ମନୋଜ ଧଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଶୋଭନ ହୋତାଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା।



ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି ଓ ଅନ୍ୟମାନେ।

**ପୋଖରୀରେ ବୁଡି ନାବାଳିକା ମୃତ**

ଖଡ଼ିଆଳ,(ସୁଜିତ୍ କୁମାର ପ୍ରଧାନ): ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ସରଧାପୁର ପଞ୍ଚାୟତର ଚାନ୍ଦଗିରି ଗ୍ରାମର ରଣମାଲ ଜଗତଙ୍କ ନାବାଳିକା ଝିଅ ସକିନା ଜଗତ (୬)ଙ୍କ ରବିବାର ସନ୍ଧ୍ୟାରେ ଗ୍ରାମର ଡଙ୍ଗର ତଳ ପୋଖରୀରେ ବୁଡି ମୃତ୍ୟୁ ଘଟିଛି। ପରିବାର ଲୋକେ ଚିକିତ୍ସା ପାଇଁ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିବା ବେଳେ ଡକ୍ତର ମୃତ ଘୋଷଣା କରିଥିଲେ। ଖଡ଼ିଆଳ ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ କରିଥିବା ଥାନା ଅଧିକାରୀ ପ୍ରଦୀପ ଧରୁଆ ପ୍ରକାଶ କରିଛନ୍ତି।



## ସଂକ୍ଷେପରେ

## ପୋଖରୀରେ ବୁଡି ଶିଶୁକନ୍ୟା ମୃତ

କୋକସରା,୧।୧୦(ଦୁଷ୍ମନ୍ତ କୁମାର ପାଢଯୋଶୀ)

କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ମାଝିଗୁଡା ଗ୍ରାମରେ ରବିବାର ପୋଖରୀ ପାଣିରେ ବୁଡି ଜଣେ ଶିଶୁର ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ମାଝିଗୁଡା ପୋଡ଼ ପଡାରେ ରହୁଥିବା ଅଭିଲାଲ ପୋଡ଼ଙ୍କ ୮ବର୍ଷ ଶିଶୁ କନ୍ୟା ରବିବାର ନିଜ ସାଙ୍ଗମାନଙ୍କ ସହ ନିକଟ ପୋଖରୀକୁ ଗାଧେଇବାକୁ ଯାଇଥିଲେ। ପୋଖରୀର ଗଭୀର ପାଣିରେ ବୁଡି ଯାଇଥିଲା। ଏହା ଦେଖି ସାଙ୍ଗରେ ଯାଇଥିବା ଅନ୍ୟ ଶିଶୁମାନେ ପାଖରେ ଥିବା ଲୋକଙ୍କୁ ଡାକିବା ପରେ ଶିଶୁକୁ ପୋଖରୀରୁ ଉଦ୍ଧାର କରିଥିଲେ। ପରିବାର ଲୋକେ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ଶିଶୁକୁ ମୃତ୍ୟୁ ଘୋଷଣା କରିଥିଲେ। କୋକସରା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୪/୨୩) ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।

## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ସିନାପାଲି,୧।୧୦(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ମା' ବେଲାରାଣୀ ଉଚ୍ଚ ବିଦ୍ୟାପୀଠ ଚଟିଆଗୁ ଚତୁର୍ଥ ଶ୍ରେଣୀ କର୍ମଚାରୀ ପ୍ରଭାକର ମାଝିଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷକ ସୁପୁଚ୍ଛମୌଳୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ବିଦାୟ ସମ୍ବର୍ଦ୍ଧନା ସଭାରେ ବାମଦେବ ଦାସ, କୁମୁଦବନ୍ଧୁ ଯୋଷୀ, ଅମୋଘ କୁମାର ପାତ୍ର, ମୁକ୍ତେଶ୍ୱର ପ୍ରଧାନ, ଗୌତମ ମେହେର, ପ୍ରକାଶ ମେହେର, ଗିରିଶଲାଲ ସା, ଶିବାନନ୍ଦ ହୋତା, ସଞ୍ଜିବ ପାତ୍ର, ସମୀର ପାତ୍ର, ତନୁରାମ ନାୟକ, ତ୍ରିନାଥ ମଶ୍ରା, ବୈଷ୍ଣବ ମଶ୍ରା ପ୍ରମୁଖ ମାଝିଙ୍କ ସହ ବିତି ଥିବା ସ୍ମରଣୀୟ ମୁହୂର୍ତ୍ତର ସ୍ମୃତିଚାରଣ କରିଥିଲେ। ତାଙ୍କୁ ଉପଢୌକନ ଦେଇ ସୁସ୍ଥ ଏବଂ ନିରାମୟ ଜୀବନର କାମନା କରିଥିଲେ। ଶିକ୍ଷୟିତ୍ରୀ ପ୍ରଭାତ ନଳନୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରିତୀମୟୀ ମହାନନ୍ଦ, ଦେବରାଣୀ ବାଗ, ତନ୍ମୟୀ ହଂସ, କ୍ଷୀତିମୟୀ ହଂସ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ମୁକ୍ତେଶ୍ୱର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଅଭିଭାବକ ସମ୍ମିଳନୀ

ସିନାପାଲି,୧।୧୦(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ରମେଶ କୁମାର ହଂସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମ୍ମିଳନୀରେ ଅତିଥି ଭାବେ ସଂକୁଳ ପ୍ରମୁଖ ତୁଳସୀରାମ ମେହେର, ପରିଚାଳନା ସମିତି କୋଷାଧ୍ୟକ୍ଷ ବୈଷ୍ଣବ ମେହେର ଯୋଗଦେଇଥିଲେ। ଏହି ଅବସରରେ ଶିଶୁର ବିକାଶରେ ଶିକ୍ଷକ, ଶିକ୍ଷାର୍ଥୀ ଓ ଅଭିଭାବକଙ୍କ ସମ୍ମିଳିତ ପ୍ରୟାସ ବିଷୟରେ ଆଲୋଚନା କରାଯାଇଥିଲା। ଉପସ୍ଥିତ ଶତାଧିକ ପିତାମାତା ନିଜ ଗଠନମୂଳକ ମତ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଆଚାର୍ଯ୍ୟ ପଞ୍ଚାନନ ନାଏକ ସ୍ୱାଗତ କରିଥିବା ବେଳେ ଆଚାର୍ଯ୍ୟା ରଞ୍ଜିତା ଠାକୁର ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟ ଶୈକ୍ଷିକ ପ୍ରମୁଖ ହୃଦାନନ୍ଦ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ଖଡ଼ିଆଳ,୧।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଚଳାନପଡା ରାମନାଥ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିରେନ୍ଦ୍ର କୁମାର ନନ୍ଦଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ପ୍ରଧାନ ଶିକ୍ଷକ ସଞ୍ଜୀବ କୁମାର ଠାକୁରଙ୍କ ସଭାପିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଦୁଃଖଭଞ୍ଜନ ବାରିକ, ସମ୍ମାନିତ ଅତିଥି ପରିଚାଳନା କମିଟି ସଭାପତି ଶ୍ରୀରାମ ସମରେନ୍ଦ୍ର ସିଂ ବାରିକ ଓ ବଟକୃଷ୍ଣ ବାରିକ ମଞ୍ଚାସୀନ ଥିଲେ। ଖେଳ ଶିକ୍ଷକ ରାଜକପୁର ବାରିକ ମଞ୍ଚ ପରିଚାଳନ କରିଥିବା ବେଳେ ଗୋପକ ନାରାୟଣ ଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବତନ ଛାତ୍ର ରୁଦ୍ର ନାରାୟଣ ଦଣ୍ଡସେନା, କୁମାର ନାଏକ, ସଞ୍ଜୟ ଚଳାନ, ସମେତ ବିଦ୍ୟାଳୟର ୨୦୦୨, ୨୦୧୦ ଓ ୨୦୨୦ରେ ଅଧ୍ୟୟନ କରିଥିବା ୧୧୦ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ସବୁଠି ଗାନ୍ଧୀଙ୍କ ମାର୍ଗଦର୍ଶନ

## କଳାହାଣ୍ଡି ଓ ନୂଆପଡ଼ା ଜିଲାରେ ସ୍ୱଚ୍ଛତା ମିଶନ କାର୍ଯ୍ୟକ୍ରମ

**କଳାହାଣ୍ଡି ଓ ନୂଆପଡ଼ା ଜିଲାରେ ରବିବାର ବିଭିନ୍ନ ଏନ୍ଏସି, ସରକାରୀ ଅଫିସ, ବ୍ୟାଙ୍କ, ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱଚ୍ଛତା ମିଶନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହିକ୍ରମରେ ଏହି ୨ ଜିଲାରେ ସଚେତନତା ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ୱଚ୍ଛତା ହିଁ ସେବା ସମ୍ବନ୍ଧୀୟ ବକ୍ତୃତା, କବିତା ଲିଖନ, ଚିତ୍ରାଙ୍କନ, ପେଣ୍ଟିଂ, ରଚନା ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।**



ଜୁନାଗଡ଼ ନଗରପାଳ, ଇଓ ବର୍ଜ୍ୟାବସ୍ତୁ ବୋହି ନେଉଛନ୍ତି ।



କେସିଙ୍ଗା ବ୍ଲକ ସମ୍ମୁଖରେ ଏନ୍ଏସି ଅଧକ୍ଷ ସଫେଇ କରୁଛନ୍ତି।

ଜୁନାଗଡ଼,୧।୧୦(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ଏନଏସିରେ ଗତ ୩ ଦିନ ଧରି ଚାଲିଥିବା ସ୍ୱଚ୍ଛତା କାର୍ଯ୍ୟକ୍ରମ ରବିବାର ଉଦଯାପିତ ହୋଇଯାଇଛି। ୩ ଦିନ ମଧ୍ୟରେ ଜୁନାଗଡ଼ ସହରର ସମସ୍ତ ୧୨ ୱାର୍ଡରେ ସଫେଇ କରାଯାଇଥିଲା। କାର୍ଯ୍ୟକ୍ରମରେ ନଗରପାଳ ମୁକେଶ ଅଗ୍ରୱାଲ, ଇଓ ପ୍ରେମଲାଲ ହିଆଲ, ଉପାଧ୍ୟକ୍ଷା ହିମାଦ୍ରୀ ନାଏକଙ୍କ ସମେତ କାଉନସିଲର, ସ୍ୱଚ୍ଛ ସାଥି ଓ ପୌର କର୍ମଚାରୀ ସାମିଲ ହୋଇଥିଲେ। ଖୋଦ ନଗରପାଳ ଓ ଇଓ ରାସ୍ତା କଡର ବର୍ଜ୍ୟାବସ୍ତୁ ସଫା କରି ଟ୍ରାକ୍ଟରରେ ବୋହୁଥିବା ଦେଖିବାକୁ ମିଳିଥିଲା। ଜୁନାଗଡ଼ ସହରକୁ ସବୁବେଳେ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଉଥିବା ନଗରପାଳ ଅଗ୍ରୱାଲ ପ୍ରକାଶ କରିଥିଲେ। ପ୍ରକାଶ ଯେ, ଆଜାଦି କା ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଦିଲ୍ଲୀର ତାଲକଟୋରା ଷ୍ଟାଡିୟମରେ ଅନୁଷ୍ଠିତ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୨ କାର୍ଯ୍ୟକ୍ରମରେ ପୂର୍ବ ଭାରତର ୧୫ରୁ ୨୫ ହଜାର ଜନସଂଖ୍ୟା ବିଶିଷ୍ଟ ଦ୍ରୁତ ସଫେଇ ସହର ଭାବେ ଜୁନାଗଡ଼ ଏନଏସିକୁ ରାଷ୍ଟ୍ରପତି ପୁରସ୍କୃତ କରିଥିଲେ।

**ଲାଞ୍ଜିଗଡ଼,(ରମେଶ ଚନ୍ଦ୍ର ନାୟକ):** ଲାଞ୍ଜିଗଡ଼ ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ରବିବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପାର୍ଥବ ତାଣ୍ଡିଙ୍କ ଛାତ୍ରୀଛାତ୍ର ଓ ଶିକ୍ଷକ ଶିକ୍ଷୟିତ୍ରୀ ସାମିଲ ହୋଇ ସ୍କୁଲ ପରିସର ସଫା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ମମତା ମାଝି, ସୀମାଞ୍ଚଳ କାତ୍ରାକା, କେ. ଶଙ୍କର ଆଚାରି, ବିଳାସିନୀ ସେଠ, ବୃନ୍ଦାବନ ମହାପାତ୍ର, ସୁଦର୍ଶନ ମୁଣ୍ଡା ସମେତ ବିଦ୍ୟାଳୟ ଶତାଧିକ ଛାତ୍ରୀଛାତ୍ର ବିଦ୍ୟାଳୟ ପରିସରରେ ପଡ଼ିଥିବା ଅଳିଆ ଆବର୍ଜନା ସଫେଇ କରିଥିଲେ।

**ବେହେରା,(ଭୂପେଶ ତିୱାରୀ):** ଧର୍ମଗଡ ବ୍ଲକ ବେହେରା ଦନ୍ତେଶ୍ୱରି ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରୁପେନ୍ଦ୍ର ବାଣୁଆଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷକ ଚକ୍ରଧର ବାରିକ, ନରେନ୍ଦ୍ର ନାଏକ, ପ୍ରେମଲାଲ କାଣ୍ଡ, ଜିତେନ୍ଦ୍ର ନାଏକ, ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ବିଦ୍ୟାଳୟ ପରିସରରେ ସ୍ୱଚ୍ଛତା ହିଁ ସେବା ସମ୍ବନ୍ଧୀୟ ବକ୍ତୃତା, କବିତା ଲିଖନ, ଡ୍ରଇଂ, ପେଣ୍ଟିଂ, ରଚନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଚନ୍ଦନ ରାଉତ, ହରେକୃଷ୍ଣ ପ୍ରଧାନ, କୃପାସିନ୍ଧୁ ବେହେରା, ସ୍ମୃତି ରଞ୍ଜନ ନାଏକ, ମୋନାଲିସା ନାଏକ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

**କେସିଙ୍ଗା,(ତୁମେଶ୍ୱର ସାହୁ):** କେସିଙ୍ଗା ଏନଏସି ଅଧକ୍ଷ ନୃପରାଜ ଯାଦବଙ୍କ ନେତୃତ୍ୱରେ ସହରସ୍ଥିତ ସିନେମା ହଲଠାରୁ ବଲାଙ୍ଗୀର ଛକ ମୁଖ୍ୟ ଜାତୀୟ ରାଜପଥ ୨୬ ଉପରେ ଅଧକ୍ଷ ଯାଦବ ଓ ଉପାଧ୍ୟକ୍ଷା ସରସ୍ୱତୀ ସାହା, ବିଜେଡ଼ି ଟାଉନ ସଭାପତି ରମେଶ ଚନ୍ଦ୍ର ପଟ୍ଟନାୟକଙ୍କ ସମେତ ଏନଏସି କର୍ମଚାରୀମାନେ ରାସ୍ତା ଉଭୟ ପାର୍ଶ୍ୱରେ ସଫେଇ କରିଥିଲେ। କେସିଙ୍ଗା ସହରର ୧୨ଟି ୱାର୍ଡ଼ରେ କାଉନସିଲର, ୱାର୍ଡ ଅଫିସର, ମିଶନ ଶକ୍ତି ମହିଳା, ମହିଳା ସ୍ୱୟଂ ସେବା ଗୋଷ୍ଠୀ, ଏନ୍ଏସି କର୍ମଚାରୀମାନେ ସଫେଇ ଅଭିଯାନରେ ସାମିଲ ହୋଇ ଶ୍ରମଦାନ କରିଥିଲେ। ସେହିପରି କେସିଙ୍ଗା ଗୋଷ୍ଠି ସାସ୍ଥ୍ୟକେନ୍ଦ୍ର ଅଧକ୍ଷ ଡଃ ସୁବାସ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୋଷ୍ଠି ସାସ୍ଥ୍ୟକେନ୍ଦ୍ର କର୍ମଚାରୀ ଅଧକ୍ଷ ବେହେରା, ଡ ସତୀଶ ପାଣିଗ୍ରାହୀ, ଗୋପାଳ କୃଷ୍ଣ ପାଣିଗ୍ରାହୀ, ମଧୁସ୍ମିତା ମହାନ୍ତି, କୈଳାସ ଚନ୍ଦ୍ର ବାରିକ, ବିଭୁ ପ୍ରସାଦ ମହାପାତ୍ର, ଜବାହରଲାଲ ମହାନନ୍ଦ, ବିଶ୍ୱଭୂଷଣ ପ୍ରଧାନୀ, ରାଜ କୁମାର ଭୋଇ, ସମାଜସେବୀ ବଜରଙ୍ଗ ଲାଲ ଜୈନଙ୍କ ସମେତ କେସିଙ୍ଗା ୱାର୍ଡ ନ ୧୨ର କେସିଙ୍ଗା ଯୁବ ବାଲ୍ମିକି ସମାଜ ସହଯୋଗ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧକ୍ଷ ଡ଼ଃ.ବେହେରା ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଶେଷରେ ଏକ ଶୋଭାଯାତ୍ରା କେସିଙ୍ଗା ସହର ପରିକ୍ରମା କରାଯାଇଥିଲା।

**କୋକସରା,(ଦୁଷ୍ମନ୍ତ କୁମାର ପାଢଯୋଶୀ):** କୋକସରା ବ୍ଲକ ବିଭିନ୍ନ ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟକେନ୍ଦ୍ର, ୨୨ ପଞ୍ଚାୟତର ଜନପ୍ରତିନିଧି ଓ ଅନେକ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋକସରା ଡିଗ୍ରୀ ମହାବିଦ୍ୟାଳୟଠାରେ ଅଧକ୍ଷ ପୁଷ୍ପରାଜ ମେହେରଙ୍କ ଅଧକ୍ଷତାରେ ଏଏନଓ କ୍ୟାପଟେନ ଅଶ୍ୱିନୀ କୁମାର ପଟ୍ଟନାୟକ, ଅଧାପକ ଐରି ନାସନ ଚିନ୍ଦା, ଏନସିସି ପରିଚାଳନାରେ ଏନଏସଏସ ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟ ପରିସରରେ ସ୍ୱଚ୍ଛତା ସେବା ପ୍ରଦାନ କରିଥିଲେ। କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ଼. ତତ୍ତ୍ୱଦର୍ଶୀ ଦାସଙ୍କ ତତ୍ତ୍ୱାବଧାନରେ କର୍ମଚାରୀମାନେ ସାମିଲ ହୋଇ ସ୍ୱଚ୍ଛତା ପକ୍ଷ ପାଳନ କରିଥିଲେ। କୋକସରା ଗ୍ରାମ ପଞ୍ଚାୟତ ପକ୍ଷରୁ ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀଙ୍କ ତତ୍ତ୍ୱାବଧାନରେ ରାସ୍ତାରେ ପଡିଥିବା ମଇଳା ଆବର୍ଜନା ସଫା କରାଯାଇଛି। ପିଇଓ ଭବିଷ୍ୟତ ପଟେଲ ଓ ପଞ୍ଚାୟତର ୱାର୍ଡ଼ ସଦସ୍ୟ, ସଦସ୍ୟାମାନେ ଉପସ୍ଥିତ ଥିଲେ। ମିଶନ ଶକ୍ତି ପକ୍ଷରୁ ମଧ କାଉଡୋଳା, ମହାଜନଗୁଡାରେ ସଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ୧୧ ସ୍ୱୟଂ ସହାୟକର ମହିଳାମାନେ ସାମିଲ ହୋଇ ସ୍ୱଚ୍ଛତା ପକ୍ଷ ପାଳନ କରିଥିଲେ।

**ଖଡ଼ିଆଳ,(ସୁଜିତ୍ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଳଠାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ଏକ ଘଣ୍ଟା ଶ୍ରମଦାନ କଲେ ଖଡିଆଳ ଡିଗ୍ରୀ ମହିଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନ ୟୁନିଟ। କଲେଜ ଅଧକ୍ଷା ଲିଜା ଆଚାର୍ଯ୍ୟ, ଯୋଜନା ଅଧିକାରୀ ପୁଷ୍ପାଞ୍ଜଳୀ ପ୍ରଧାନୀ, ଅଧାପିକା ପଙ୍କଜିନି ବିଶିଙ୍କ ସହ ସ୍ୱେଚ୍ଛସେବୀ ଛାତ୍ରୀମାନେ ଯୋଗଦେଇ ସଫେଇ କରି ଶ୍ରମଦାନ କରିଛନ୍ତି। ଖଡିଆଳ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ଶ୍ରମଦାନ ଦିବସ ପାଳନ କରି ସଫେଇ କଲେ କାର୍ଯ୍ୟକ୍ରମ କରିଛନ୍ତି। ସେହିପରି ଖଡିଆଳଠାରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଆଜାଦ ଛକ ଶାଖା ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ଏକ ଘଣ୍ଟା ଶ୍ରମଦାନ କରିଛନ୍ତି। ମୁଖ୍ୟଅତିଥି ରୂପେ ଖଡିଆଳ ନଗରପାଳ ଉଜ୍ଜଳ ଗୁପ୍ତା ଯୋଗଦେଇ ସ୍ୱଚ୍ଛତା ନିଜ ଘରୁ ଆରମ୍ଭ କରି ଗାଁରୁ ରାଜ୍ୟକୁ ପହଞ୍ଚିବ ବୋଲି ମତବ୍ୟକ୍ତ କରିଥିଲେ। ଖଡିଆଳ ବନ ବିଭାଗ ପକ୍ଷରୁ ବନଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ଏକ ଘଣ୍ଟା ଶ୍ରମଦାନ କରିଛନ୍ତି। ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ଏକ ଘଣ୍ଟା ଶ୍ରମଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଖଡିଆଳ ନଗରପାଳ ଉଜ୍ଜଳ ଗୁପ୍ତା, ୧୩ଟି ୱାର୍ଡ ସଭ୍ୟ ସଭ୍ୟା, ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ଖୀଲୋ, ସୁନିଲ ସାହୁ, ଚନ୍ଦନ ସାହୁ, ସୁବେର ସିଂ ଦେଓ, ଲକ୍ଷ୍ମଣ ଦୂରିଆ ଯୋଗ ଦେଇଥିବା ବେଳେ ରିତେଶ ପଟ୍ଟନାୟକ, ଅନିଲ ସିନ୍ଧୁର, ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ସେହିପରି ଭାରତୀୟ ଜୀବନ ବୀମା ସେଟଲାଇଟ କାର୍ଯ୍ୟାଳୟ ଖଡିଆଳଠାରେ ସ୍ୱଚ୍ଛତା ହିଁ ସେବା ନେଇ ଏକ ଘଣ୍ଟା ଶ୍ରମଦାନ କରିଛନ୍ତି। ଜୀବନ ବୀମା କାର୍ଯ୍ୟାଳୟ ସଫେଇ କରିଛନ୍ତି।

# ବରିଷ୍ଠ ନାଗରିକଙ୍କ ପ୍ରତି ବଢୁଥିବା ହତାଦର ନେଇ ଚିନ୍ତା




ବରିଷ୍ଠ ନାଗରିକ ଦିବସରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ନୂଆପଡ଼ା,୧।୧୦(ମକାରୁ ବେମାଲ)

**ନୂଆପଡାରେ ବରିଷ୍ଠ ନାଗରିକ ଦିବସ ପାଳିତ**

ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଜିଲା ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଜିଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନୂଆପଡା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ନୂଆପଡା ଉପଜିଲାପାଳ ସୁବାଷ ଚନ୍ଦ୍ର ରଏତା ମୁଖ୍ୟଅତିଥି,ମୁରଲିଧର ପଣ୍ଡା, ଡା.ରମେଶ ଚନ୍ଦ୍ର ପାଠକ, ବରିଷ୍ଠ ନାଗରିକ ସଂଘ ସଭାପତି ଶିକ୍ଷାବିତ କ୍ଷୀରୋଦ ନିବାସ ପଣ୍ଡା, ସମ୍ପାଦକ ବିଭୂତି ଭୂଷଣ ପାଣିଗ୍ରାହୀ, କୋମନା ବରିଷ୍ଠ ନାଗରିକ ସଂଘ ସଭାପତି ବିରେନ୍ଦ୍ର ପ୍ରଧାନ, ରାମେଶ୍ୱର ମୁଣ୍ଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ ମୁଖ୍ୟ ଭାବେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ଉତ୍ତରତର କାମନା କରିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକମାନଙ୍କୁ ଉତ୍ତରିୟ ଦେଇ ସମ୍ମାନିତ କରାଯାଇଥିବା ବେଳେ ଅତିଥିମାନେ ସମାଜରେ ବରିଷ୍ଠ ନାଗରିକମାନଙ୍କ ପ୍ରତି ବଢୁଥିବା ହତାରକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ଏହା ଛଡା ପୂର୍ବରୁ ଭାରତୀୟ ରେଲୱେରେ ବରିଷ୍ଠ ନାଗରିକମାନଙ୍କୁ ମିଳୁଥିବା ସୁବିଧା ସୁଯୋଗକୁ ପୁଣଃ ପ୍ରଚଳନ କରିବା ପାଇଁ ଦାବି କରିଥିଲେ। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ବଳରାମ ସୋନି ପରି ଚାଳନା କରିଥିବା ବେଳେ ଶଙ୍କର ପୁରୋହିତ ଓ ଶୈଳେଶ ଶତପଥୀ ଉପସ୍ଥିତ ଥିଲେ।

# ବିଶ୍ୱ ବୟୋବୃଦ୍ଧ ଦିବସ ପାଳିତ

ଖଡ଼ିଆଳ,୧।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ କଲ୍ୟାଣ ମଣ୍ଡପ-୨ଠାରେ ଖଡିଆଳ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବିଶ୍ୱ ବୟୋବୃଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବୟୋ ବୃଦ୍ଧଙ୍କ ସୁଖଦ ଜୀବନ ନେଇ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଇଯାଛି। ସଭାରେ ବରିଷ୍ଠ ନାଗରିକ ସଂଘ ଜଗବନ୍ଧୁ ବାରିକ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ଡୋଳା ମୋହନ ସିଂ ବାବୁ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷାବିତ ଜ୍ଞାନ ପ୍ରକାଶ ସିଂ, ବରିଷ୍ଠ ସଦସ୍ୟ ସତିଶ କୁମାର ପଟ୍ଟନାୟକ, ଡ.ଆଦିତ୍ୟ ଯୋଶୀ, ନଗର ଉପାଧ୍ୟକ୍ଷ ଶକୁନ୍ତଳା ରାଉତ ପ୍ରମୁଖ ଯୋଗଦେଇଥିଲେ। ପ୍ରତ୍ୟେକ ମଙ୍ଗଳବାର ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ବ୍ୟବସ୍ଥା ରହିଥିବା ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପ୍ରକଳ୍ପ ସଂଯୋଜକ ପୁଷ୍ପାଞ୍ଜଳୀ ଠାକୁର ବିଭିନ୍ନ ଯୋଜନା ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଦୀପ କିଶୋର ଖମାରି, ଆଶିଷ ପଣ୍ଡା, ପ୍ରମୋଦ ଦାଣ୍ଡସେନା, ଜନାର୍ଦ୍ଦନ ପାତ୍ର, ନିମାଇଁ ଚରଣ ତାଣ୍ଡି, ସୁଧୀର ପଟ୍ଟନାୟକ, ବୈକୁଣ୍ଠ ରଥ, ବିନୋଦ କୁମାର ଅଗ୍ରବାଲ, ସୁରେନ୍ଦ୍ର ଦାଣ୍ଡସେନା, ବାଗଲ ପ୍ରସାଦ ଶର୍ମା, ସନ୍ତୋଷ ବାରିକ ପ୍ରମୁଖ ୧୨୦ଜଣ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।



ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ବ୍ଲକସ୍ତରୀୟ ସଦ୍‌ଭାବନା ବୈଠକ

ସିନାପାଲି,୧।୧୦(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ସଦଭାବନା ସମିତି ପକ୍ଷରୁ ରବିବାର ସ୍ଥାନୀୟ ଶିଶୁ ବିଦ୍ୟାମନ୍ଦିରଠାରେ ବ୍ଲକସ୍ତରୀୟ ସଦଭାବନା ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ତୁଳସୀରାମ ମେହେର ଓ ବକ୍ତାଭାବେ ଗରୁ ଗହୀର, ସଜ୍ଜନ ଅଗ୍ରୱାଲ, ପ୍ରଦୀପ ରାଉତରାଏ ଯୋଗଦେଇ ଭାରତୀୟ ସଂସ୍କୃତି ଓ ପରମ୍ପରା ବିଷୟରେ ଆଲୋକପାତ କରିଥିଲେ। ବୈଠକରେ ଅଞ୍ଚଳର ଭିନ୍ନଭିନ୍ନ ୧୩ଟି ଜାତିର ନେତୃମଣ୍ଡଳୀ ଯୋଗଦେଇ ନିଜ ଜାତିର ଗୌରବମୟ ଇତିହାସ, ସଂସ୍କୃତି, ସଂସ୍କାର ଓ ରିତୀନୀତି ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଷମାନିଧି ନିଆଲ, ରମେଶ ଚନ୍ଦ୍ର ହଂସ, ଜୟାନନ୍ଦ କଟା, ଚୌବନ ସିଂହ ମାଝି, ସୁବ୍ରତ ଠାକୁର, ବୈଷ୍ଣବ ମେହେର, ଅତୁଳ କୁମାର ପାତ୍ର, ଲଳିତ ସୁନାରୀ, ରୋହିତାଶ୍ୱ ନାଏକ, ମାର୍କଣ୍ଡ ଗହୀର, ସରୋଜ ସିଂହ ନିନା, ବିଷ୍ଣୁପ୍ରସାଦ ନାଏକ, ଟିକେଲାଲ ଗହୀର, ତରୁଣ ସିଂହ ମାଝି, ସେବକରାମ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଭିଭାବକମାନେ।

# ଧର୍ମଗଡ଼କୁ ଜିଲା ଦାବି କଲା ଉପଖଣ୍ଡ ବ୍ରାହ୍ମଣ ସମାଜ

ବେହେରା,୧।୧୦(ଭୂପେଶ ତିୱାରୀ)

**■ ୪ରେ ସମ୍ପୂର୍ଣ୍ଣ ୧୨ ଘଣ୍ଟିଆ ବନ୍ଦ ଡାକରାକୁ ସମର୍ଥନ**
**■ ୩୫ ଦିନରେ ପହଞ୍ଚିଲା ଗଣଧାରଣା**

କଳାହାଣ୍ଡିର ଧର୍ମଗଡ଼ ଉପଖଣ୍ଡକୁ ଜିଲା ମାନ୍ୟତା ଦାବି ନେଇ ଚାଲିଥିବା ଗଣଧାରଣାର ୩୫ ଦିନରେ ପହଞ୍ଚିଛି। ଏହିକ୍ରମରେ ରବିବାର ଧର୍ମଗଡ଼ ଉପଖଣ୍ଡ ବ୍ରାହ୍ମଣ ସମାଜ, ପର୍ଶୁରାମ ବାହିନୀ ଓ ପ୍ରଜ୍ଞା ବାହିନୀ ରବିବାର ଗଣଧାରଣାରେ ସାମିଲ ହୋଇ ଦୃଢ଼ ସମର୍ଥନ ଜଣାଇଥିଲେ। ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ସଭାପତି ଜନାର୍ଦ୍ଦନ ପଣ୍ଡାଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ବିଶାଳ ଶୋଭାଯାତ୍ରାରେ ବାହାରି ଧର୍ମଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଚାଲିଥିବା ଅନିର୍ଦ୍ଦିଷ୍ଟକାଳ ଗଣଧାରଣା ସ୍ଥଳରେ ପହଞ୍ଚିଥିଲେ। ସେଠାରେ ବ୍ରାହ୍ମଣ ରୀତିନୀତିରେ ମଞ୍ଚ ପୂଜାର୍ଚ୍ଚନା କରି ବେଦପାଠ ପୂର୍ବକ ଜିଲା ଦାବି ଉପରେ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ଦୃଷ୍ଟି କୋଣରୁ ଯେପରିକି ଭୌଗଳିକ, ଜନସଂଖ୍ୟା ଓ ବ୍ୟବସାୟିକ ଦୃଷ୍ଟିରୁ ଧର୍ମଗଡ଼ ଜିଲା ହେବାର ସବୁ ଯୋଗ୍ୟତା ଥିବା ଦର୍ଶାଇଥିଲେ। ଉପଖଣ୍ଡରେ ପର୍ଶୁରାମ ସେନା ବିଭିନ୍ନ ସମାଜସେବା କାର୍ଯ୍ୟରେ ଆଗଭର ଥିବା ବେଳେ ଜିଲା ଗଠନ ଦାବିରେ ମଧ ଦରକାର ପଡ଼ିଲେ ରାଜରାସ୍ତାକୁ ଓହ୍ଲାଇବ ବୋଲି ପର୍ଶୁରାମ ସେନା ଆବାହକ ବିଶ୍ୱରଞ୍ଜନ ପାତ୍ର ପ୍ରକାଶ କରିଥିଲେ । ଜିଲା ଗଠନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆଗାମୀ ଅକ୍ଟୋବର ୪ ତାରିଖରେ ସମ୍ପୂର୍ଣ୍ଣ ୧୨ ଘଣ୍ଟିଆ ବନ୍ଦ ଡାକରାକୁ ସମର୍ଥନ କରି ଉପଖଣ୍ଡର ସମସ୍ତ ବ୍ରାହ୍ମଣ ସମାଜ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା। ବରିଷ୍ଠ ଓକିଲ ଧନଞ୍ଜୟ ପାତ୍ର, ପ୍ରସନ୍ନ ଅଗସ୍ତି, ସଂନ୍ତୋଷ ପାତ୍ର, ସୁନୀଲ ପାତ୍ର, ବିଭୁତି ଭୂଷଣ ପୁରୋହିତ, ହୃଷିକେଶ ମିଶ୍ର, ବିରଞ୍ଚି ବେହେରା ତଥା ପର୍ଶୁରାମ ସେନାର ଉମ୍ବରୁଧର ଠାକୁର, ବ୍ରିଜେଶ ପଣ୍ଡା, ସଞ୍ଜୀବ ମିଶ୍ର, ଶାଶ୍ୱତ ପାତ୍ର, ବିବେକ ମିଶ୍ର ଓ ପ୍ରଜ୍ଞା ବାହିନୀ ର ପ୍ରିୟମ୍ବଦା ଚାନ୍ଦ, ବବିତା ପଢଯୋଶୀ, ମନୀଷା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।




ଶୋଭାଯାତ୍ରାରେ ଧାରଣାସ୍ଥଳକୁ ଯାଉଛନ୍ତି।

## ସଂକ୍ଷେପରେ

### ରାସ୍ତାକଡ଼ରୁ ଉଦ୍ଧାର ନବଜାତ ଶିଶୁପୁତ୍ରର ଡାକ୍ତରଖାନାରେ ମୃତ୍ୟୁ

ଅମରପାଲି,୧।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଥାନା ଅନ୍ତର୍ଗତ ଟେଭାପଦର ଗ୍ରାମର ରାସ୍ତାକଡ଼ରୁ ଉଦ୍ଧାର ହୋଇଥିବା ଏକ ନବଜାତ ଶିଶୁପୁତ୍ରର ଡାକ୍ତରଖାନାରେ ମୃତ୍ୟୁ ଘଟିଛି । ମିଳିଥିବା ସୂଚନା ଅନୁଯାୟୀ, ଶିଶୁପୁତ୍ରକୁ କେହି ଜୀବିତ ଅବସ୍ଥାରେ ବ୍ୟାଗ ଭିତରେ ରଖି ରାସ୍ତାକଡ଼ରେ ଛାଡି ଯାଇଥିଲା । ସକାଳୁ ସେହି ବାଟ ଦେଇ ଯାଉଥିବା ଗ୍ରାମର ଭାନୁମତୀ ନାମ୍ନୀ ଜଣେ ମହିଳା ବୀରମହାରାଜପୁରକୁ ଯାଉଥିବା ବେଳେ ନବଜାତ ଶିଶୁପୁତ୍ର ବ୍ୟାଗ ଭିତରେ ଥିବା ଦେଖିବାକୁ ପାଇଥିଲେ । ଶିଶୁପୁତ୍ର ଜୀବିତ ଥିବା ବେଳେ କାନ୍ଦୁ ନ ଥିଲା ବୋଲି ମହିଳା ଜଣକ ପ୍ରକାଶ କରିଛନ୍ତି । ମହିଳା ଜଣକ ଉକ୍ତ ଶିଶୁକୁ ଉଦ୍ଧାର କରି ପ୍ରଥମେ ସୁବଳୟା ଡାକ୍ତରଖାନା ଓ ପରେ ବୀରମହାରାଜପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଡାକ୍ତର ଶିଶୁର ସ୍ୱାସ୍ଥ୍ୟ ପରୀକ୍ଷା କରି ଗୁରୁତର ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରିଥିଲେ । ହେଲେ ଅପରାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଶିଶୁପୁତ୍ରର ମୃତ୍ୟୁ ଘଟିଥିଲା । ଶନିବାର ରାତିରେ ଏକ ବୋଲେରୋ ଗାଡି ଉକ୍ତ ସ୍ଥାନରେ ଅଟକି ଥିବା ସ୍ଥାନୀୟ ଅଞ୍ଚଳର ଲୋକେ ଦେଖିଥିବା କହୁଛନ୍ତି । ସେହି ବୋଲେରୋରେ ଆସି କେହି ନବଜାତ ଶିଶୁ ପୁତ୍ରକୁ ରାସ୍ତା କଡରେ ଛାଡି ଦେଇଥିବା ଚର୍ଚ୍ଚା ହେଉଛି । ଘଟଣାଟି ଅଞ୍ଚଳରେ ଗଭୀର ଆଲୋଡନ ସୃଷ୍ଟି କରିଛି ।

### ଚିକିତ୍ସାଧୀନ ଅବସ୍ଥାରେ ଆହତ ଯୁବକଙ୍କ ମୃତ୍ୟୁ

**କାଶଲପୁର ଆକ୍ରମଣ ଘଟଣା**

ବାଉଁଶୁଣୀ,୧।୧୦(ଦେବାଶିଷ ନେପାକ)

ବୌଦ୍ଧ ଥାନା ଅନ୍ତର୍ଗତ ତେଲିବନ୍ଧ ଗ୍ରାମ ପଞ୍ଚାୟତର କାଶଲପୁର ଗ୍ରାମରେ ଗତ ୨୬ ତାରିଖ ଦିନ ହୋଇଥିବା ସଂଘବଦ୍ଧ ଆକ୍ରମଣରେ ଗୁରୁତର ହୋଇଥିବା ଜଣେ ଯୁବକଙ୍କ ବୁର୍ଲା ଭୀମସାରରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ରବିବାର ସନ୍ଧ୍ୟାରେ ମୃତଦେହକୁ କାଶଲପୁର ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଘଟଣାଦିନ ସନ୍ଧ୍ୟା ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କାଶଲପୁର ଗ୍ରାମର ୬ ଜଣ ବ୍ୟକ୍ତି ଗ୍ରାମର ଧୋବେଇ ବାରିକଙ୍କ ପୁଅ ବିଜ୍ଞାନ ବାରିକଙ୍କୁ ଠେଙ୍ଗା ଓ ବାଡିରେ ଅତର୍କିତ ଆକ୍ରମଣ କରିଥିଲେ । ସେମାନଙ୍କ ଆକ୍ରମଣରେ ବାପା ଧୋବେଇ ମଧ୍ୟ ଗୁରୁତର ଆହତ ହୋଇଥିଲେ । ପରିବାର ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୁର୍ଲା ଭୀମସାରକୁ ନେଇଥିଲେ । ତେବେ ଅଭିଯୁକ୍ତମାନେ ଡାକ୍ତରଖାନା ଆଣିବା ପାଇଁ ଯାଇଥିବା ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଆକ୍ରମଣ ଲାଗି ଉଦ୍ୟମ କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଧୋବେଇ ବାରିକ ରବିବାର ବୌଦ୍ଧ ଥାନାରେ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି । ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

### ବୌଦ୍ଧ ଜିଲା ଓବିସି ମଞ୍ଚର ସାଙ୍ଗଠନିକ ବୈଠକ

ବାଉଁଶୁଣି,୧।୧୦(ଦେବାଶିଷ ନେପାକ)

ବୌଦ୍ଧ ଜିଲା ସଦର ବ୍ଲକ ବାଉଁଶୁଣୀ ତୁଳସୀ କଲ୍ୟାଣମଣ୍ଡପଠାରେ ଜିଲା ଓବିସି ମଞ୍ଚର ଏକ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ସରୋଜ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଓବିସି ମଞ୍ଚର ସଭାପତି ଶଙ୍କର ପାତ୍ର ମୁଖ୍ୟଅତିଥି ଓ ଅଚ୍ୟୁତ ଛତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କୃତିବାସ ପଲିଆ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଦେଶବନ୍ଧୁ ମହାକୁଳ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ମଞ୍ଚକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଏକ ୧୧ ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା । ବୈଠକରେ ଓବିସି ବର୍ଗ ବିଭିନ୍ନ ଜାତି ସମାଜରୁ ଦିବ୍ୟଶଙ୍କର ରାଉତ, ଲଳିତ ସାହୁ, ପୂର୍ଣ୍ଣଚନ୍ଦ୍ର ବଗ୍ତିଆ, ପଞ୍ଚାନନ ପୃଷ୍ଟି, ସତ୍ୟବାନ ସାହୁ, ଧନେଶ୍ୱର ସାହୁ, ନବୀନ ପ୍ରଧାନ, ରଞ୍ଜନ ଖଟୁଆ, ମହେଶ୍ୱର ପ୍ରଧାନ, ସ୍ୱାଧୀନ ପ୍ରଧାନ , ଶରତ ପ୍ରଧାନ, ବଶିଷ୍ଟ ପ୍ରଧାନ, ସନ୍ତୋଷ ଭୋଇ, ନବଘନ ମେହେର, ସୀତାରାମ ସାହୁ, ବିଜୟ ମେହେର, ଠାକୁର ନାୟକ, ଦୀନବନ୍ଧୁ ଦେହୁରୀ, ମୁରଲୀ ଖଟୁଆ ପ୍ରମୁଖ ଯୋଗ ଦେଇଥିଲେ ।

# ବରିଷ୍ଠ ନାଗରିକ ସମାଜର ପଥ ପ୍ରଦର୍ଶକ

ସୋନପୁର,୧।୧୦(ମୃତ୍ୟୁଞ୍ଜୟ ଶତପଥୀ)

ବରିଷ୍ଠ ନାଗରିକମାନେ ନିସଙ୍ଗ ଜୀବନ ବିତାଉଛନ୍ତି । ପରିଣତ ବୟସରେ ସେମାନଙ୍କୁ ଉଚିତ ସମ୍ମାନ ଓ ସେବା ମିଳିବା ଦରକାର । କାରଣ ବରିଷ୍ଠମାନେ ସମାଜର ପଥ ପ୍ରଦର୍ଶକ ବୋଲି ସୋନପୁର ନୂଆ ଟାଉନ ହଲଠାରେ ରବିବାର ଆୟୋଜିତ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଅବସରରେ ମୁଖ୍ୟଅତିଥିଭାବେ ଯୋଗଦେଇ ଜିଲାପାଳ ବିମଳେନ୍ଦୁ ରାୟ ମତପ୍ରକାଶ କରିଛନ୍ତି । ସୁବର୍ଣ୍ଣପୁର ଜିଲା ପ୍ରଶାସନ, ଜିଲା ସାମାଜିକ ସୁରକ୍ଷା ବିଭାଗ ଏବଂ ଜିଲା ଆଇନ ସେବା ପ୍ରାଧିକରଣର ମିଳିତ ଆନୁକୂଲ୍ୟରେ ଏହି ଦିବସ ପାଳନ ହୋଇଥିଲା । ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଯୋଗ ଶିବିର, ସ୍ୱାସ୍ଥ୍ୟ ଶିବିର, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାସ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ କୁମୁଦିନୀ ମୁଦୁଲି, ଡା. ରମେଶ ଚନ୍ଦ୍ର ସ୍ୱାଇଁ, ସୋନପୁର ବରିଷ୍ଠ ନାଗରିକ ସଂଘ ସଭାପତି ଜ୍ୟୋତି ରଞ୍ଜନ ବହିଦାର, ତରଭା ବରିଷ୍ଠ ନାଗରିକ ସଂଘ ସଭାପତି ଦେବେନ୍ଦ୍ର ବିଜୟ ସାହୁ, ବରିଷ୍ଠ ନାଗରିକ ସଂଘ ବୀରମହାରାଜପୁରର ବରିଷ୍ଠ ସଭ୍ୟ ଭୂଷଣ ପାତ୍ର ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଜୀବନ ବଲ୍ଲଭ ଷଡଙ୍ଗୀ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ସ୍ତରରେ ଆୟୋଜିତ ବକ୍ତୃତା ଏବଂ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲାର ପ୍ରତ୍ୟେକ ବ୍ଲକରୁ ୨ ଜଣ ଲେଖାଏ ବରିଷ୍ଠ ନାଗରିକଙ୍କୁ ସମାଜ ପ୍ରତି ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ତରଭା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ ସଭା ସଂଯୋଜନା କରିଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦ ଭୂଷଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶିନୀ ଭୋଇ ଏବଂ ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ ।

# ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ

ବୌଦ୍ଧ,୧।୧୦(ଅଜିତ କୁମାର ବାରିକ)

ରବିବାର ଦିନ ବୌଦ୍ଧ ଟାଉନହଲଠାରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ଜିଲା ବରିଷ୍ଠ ନାଗରିକ ମଞ୍ଚର ସଭାପତି ଶିବ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ଉପ ଜିଲାପାଳ ରବିନ୍ଦ୍ରନାଥ କହଁର ଯୋଗ ଦେଇଥିଲେ । ମୁଖ୍ୟଅତିଥି ଜିଲାପାଳ ସ୍ୱାଇଁ ଯୁବଗୋଷ୍ଠୀ କିଭଳି ନିଜର ପରିବାରର ବରିଷ୍ଠଙ୍କୁ ସମ୍ମାନ ଦେବା ଓ ତାଙ୍କର ବୃଦ୍ଧାବସ୍ଥା ସମୟରେ ସାହାଯ୍ୟ, ସହଯୋଗ କରିବେ ସେନେଇ ମତବ୍ୟକ୍ତ କରିବା ସହ ବରିଷ୍ଠ ନାଗରିକଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଆଜିର ଦିନରେ ବରିଷ୍ଠ ନାଗରିକମାନେ କୌଣସି କ୍ଷେତ୍ରରେ କମ ନୁହନ୍ତି ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମିଶ୍ର ବୌଦ୍ଧ ସହରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଅବସର ବିନୋଦନ ନିମନ୍ତେ ଏକ କ୍ଲବ ଘର ଯୋଗାଇ ଦିଆଯାଇଥିବା ବେଳେ ଆଗାମୀ ଦିନରେ ଅସହାୟ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ବୃଦ୍ଧାଶ୍ରମ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ଅନୁରୋଧ କରିଥିଲେ । ସମାଜ ପ୍ରତି ଯେଉଁ ବରିଷ୍ଠ ନାଗରିକମାନେ ନୂତନ ଚିନ୍ତା ଓ ଦିଗଦର୍ଶନ ଆଣିଛନ୍ତି ସେମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।


ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଯୋଗ ଦେଇଥିବା ଅତିଥି ।

# ଯାଦବ ହତ୍ୟା ମାମଲା, ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ବୌଦ୍ଧ,୧।୧୦(ଅଜିତ କୁମାର ବାରିକ)

ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍ ସରୋଜିନୀ ପତି ଶନିବାର ଦିନ ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ମାମଲାରୁ ପ୍ରକାଶ ଯେ, ଗତ ୨୦୧୮ ମେ ମାସ ୧ ତାରିଖ ସକାଳ ସମୟରେ ନୟାଗଡ ଜିଲା ବାଣିଗୋଛା ଥାନା ଦୁଡା ଗ୍ରାମର ଯାଦବ ନାଏକ ବୌଦ୍ଧ ଜିଲା ପୁରୁଣାକଟକ ଥାନା ମାଧପୁର ଛକ ନିକଟରେ ରାସ୍ତା କଡରେ ଠିଆ ହୋଇଥିଲେ । ସେଠାରେ ସେ ଠିଆ ହୋଇଥିବାର ପୁରୁଣାକଟକ ଥାନାର କାର୍ଯ୍ୟରତ ଗ୍ରାମରକ୍ଷୀ ପ୍ରମୋଦ କହଁର ଦେଖିଥିଲେ । ଏହାର କିଛି ସମୟ ପରେ ଗ୍ରାମରକ୍ଷୀ କହଁର ଦେଖିବାକୁ ପାଇଥିଲେ ଯେ, କୌଣସି ଏକ ଅଜଣା ଗାଡି ଧକ୍କା ଫଳରେ ଯାଦବ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିରହିଛନ୍ତି । ଏହାଦେଖି ସେ ହରଭଙ୍ଗା ଦମକଳବାହିନୀଙ୍କୁ ଖବର ଦେଇ ଗୁରୁତର ଯାଦବଙ୍କୁ ପୁରୁଣାକଟକ ମେଡିକାଲକୁ ଚିକିତ୍ସା ପାଇଁ ପଠାଇଥିଲେ । ଏ ସମ୍ପର୍କରେ ଘଟଣାର ପରଦିନ ଗ୍ରାମରକ୍ଷୀ କହଁର ପୁରୁଣାକଟକ ଥାନାରେ ଏତଲା ଦେଇଥିଲେ । ଅଭିଯୋଗ ପାଇବା ପରେ ପୁରୁଣାକଟକ ପୋଲିସ ନଂ ୪୩/୨୦୧୮ରେ ଏକ ଦୁର୍ଘଟଣା ମାମଲା ରୁଜୁ କରିଥିଲା । ଏପଟେ ଯାଦବଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ପଠାଯାଇଥିଲା ଓ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ମୃତଦେହ ବ୍ୟବଚ୍ଛେଦ ପରେ ଦୁର୍ଘଟଣାଜନିତ ନୁହେଁ ଏହା ହତ୍ୟା ବୋଲି ରିପୋର୍ଟ ଆସିବାରୁ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପୋଲିସ ତଦନ୍ତ କରି ଏହି ହତ୍ୟା ଘଟଣାରେ ନୟାଗଡ ଜିଲା ବାଣିଗୋଛା ଥାନା ଅଧୀନ ଦୁଡା ଗ୍ରାମର ବ୍ରହ୍ମାଦି ନାଏକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ବିଚାର ପାଇଁ କୋର୍ଟକୁ ପଠାଇଥିଲା । ପରିବର୍ତ୍ତୀ ସମୟରେ ମାମଲାଟି ଅତିରିକ୍ତ ଜିଲା ଦୌରାଜଜ୍ଙ୍କ ଅଦାଲତରେ ଏସଟି କେସ ନଂ ୮୨/୧୮ ହୋଇ ବିଚାର ହୋଇଥିଲା । ମାମଲାରେ ସରକାରଙ୍କ ପକ୍ଷରୁ ୨୭ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ପ୍ରମାଣ ଅଭାବରୁ ଅଦାଲତ ଅଭିଯୁକ୍ତ ବ୍ରହ୍ମାଦି ନାଏକଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଅଭିଯୁକ୍ତ ପକ୍ଷରୁ ମାମଲାକୁ ଆଇନଜୀବୀ ଅଶୋକ କୁମାର ସାହୁ ଓ ପ୍ରଦୀପ କୁମାର ମହାରଣା ପରିଚାଳନା କରିଥିଲେ ।

## କନ୍ଧ ସମାଜ ବୈଠକ

ଘଣ୍ଟାପଡା,୧।୧୦(ପ୍ରଭାତ କୁମାର ସାହୁ)

କଣ୍ଟାମାଲ ବ୍ଲକ ନାରାୟଣପ୍ରସାଦ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଲୁଣ୍ଠୁରୁବାହାଲ ଗ୍ରାମରେ କନ୍ଧ ସମାଜର ଏକ ବୈଠକ ତୁର୍କା ପ୍ରଗଣା ସଭାପତି ସାମନ୍ତ ମାଝିଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ହୋଇଯାଇଛି । ପରେ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉପସଭାପତି ରାଜେନ୍ଦ୍ର ଭୋଇ, ଉପଦେଷ୍ଟା ଅଭିମନ୍ୟୁ ମଲିକ, ଶମ୍ଭୁ ମଲିକ, ଦାମୋଦର ଭୋଇ, ବାଳକ କହଁର, ବରିଷ୍ଠ ସଦସ୍ୟ ସୁଦାମ ଭୋଇ, ସନ୍ତୋଷ ଭୋଇ, ବଂଶୀଧର ମାଝୀ, ଗୋପୀନାଥ କହଁର, ରୋହିତ ମଲିକ ପ୍ରମୁଖ ଯୋଗଦେଇ ପ୍ରାକୃତିକ ବିବିଧତା ଭିତରେ କନ୍ଧ ସମାଜର ଜୀବନଶୈଳୀ ଓ ସ୍ଥିତି ବିଷୟରେ ଆଲୋଚନା କରାଯାଇଥିଲା । ଏଥିସହିତ ନାରାୟଣପ୍ରସାଦ ପଞ୍ଚାୟତ ସଦର ଛକଠାରୁ ଲଣ୍ଡନପଡା ପର୍ଯ୍ୟନ୍ତ ଯାଇଥିବା ବନବିଭାଗ ରାସ୍ତା ବିପର୍ଯ୍ୟସ୍ତ ହୋଇଥିବାରୁ ଏଠାକାର ଅନୁଗୁଭା, କୁମେଇଖେତା, ସାର୍କାସୁରୁ, ଲଣ୍ଡନପଡା, ଲୁଣ୍ଠୁରୁବାହାଲ ଆଦି ବାସିନ୍ଦା ଯାତାୟତ କ୍ଷେତ୍ରରେ ବର୍ଷତମାମ ଅସୁବିଧା ଭୋଗ କରୁଛନ୍ତି । ସ୍ଥାନୀୟ ବିଧାୟକ ତଥା ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସ୍ଥାୟୀ ରାସ୍ତା ନିର୍ମାଣ କରିବାକୁ ମତପ୍ରକାଶ ପାଇଥିଲା ।

# ଡୁଙ୍ଗୁରିପାଲି ଷ୍ଟେଟ ବ୍ୟାଙ୍କ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଡୁଙ୍ଗୁରିପାଲି,୧।୧୦(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଷ୍ଟେଟ ବ୍ୟାଙ୍କ ତରଫରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ସଚେତନତା ଶୋଭାଯାତ୍ରା ଓ ସଫେଇ କାର୍ଯ୍ୟକ୍ରମ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖା ପରିଚାଳକ ଅଶ୍ୱିନୀ କୁମାର ସାଏଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ବ୍ୟାଙ୍କର ସମସ୍ତ କର୍ମଚାରୀ ପ୍ରଥମେ ବ୍ୟାଙ୍କ ଚାରିପଟ ପରିଷ୍କାର ପରିଚ୍ଛନ୍ନ କରିଥିଲେ । ଏକ ଶୋଭାଯାତ୍ରାରେ ସହରର ମା' ଓ ଶିଶୁ ଯତ୍ନ ହସପିଟାଲ ପର୍ଯ୍ୟନ୍ତ ଯାଇଥିଲେ । ପରେ ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ସଫେଇ କାର୍ଯ୍ୟ କରିଥିଲେ । ଏହାଛଡା ଡୁଙ୍ଗୁରିପାଲି ସହରର ସହଲା କେନାଲ ଛକ, ଥାନା ସମ୍ମୁଖ ଚାରିପାର୍ଶ୍ୱ, ଡୁଙ୍ଗୁରିପାଲି ବସଷ୍ଟାଣ୍ଡ ଚାରିଛକ, ମା' ଓ ଶିଶୁ ହସ୍ପିଟାଲ ନିକଟରୁ ଅଳିଆ, ଆବର୍ଜନାକୁ ସଫା କରି ଝାଡୁ ମାରି ଫିନାଇଲ, ବ୍ଲିଚିଂ ପାଉଡର ପକାଇବା ସହ ଟ୍ରାକ୍ଟର ଯୋଗେ ଅଳିଆ, ଆବର୍ଜନା ନେଇ ଫିଙ୍ଗିଥିଲେ । କର୍ମଚାରୀମାନେ ରବିବାର ୨ ଘଣ୍ଟା ଶ୍ରମଦାନ କରି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇ ଭାରତବର୍ଷକୁ ସ୍ୱଚ୍ଛତାର ଦେଶ ଭାବେ ଗଢି ତୋଳିବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ଡେପୁଟି ମ୍ୟାନେଜର ବାଳଗୋପାଳ ସେଠ, ପିଇଓ କିଶୋର କୁମାର ସାହୁ, ସିନିୟର ଆସିଷ୍ଟାଣ୍ଟ ବିଜୟ କୁମାର ମଲ୍ଲିକ, କୃଷ୍ଣଚନ୍ଦ୍ର ସାହୁ, ଅଭିଳାଷ ଭୋଇ, କୃଷ୍ଣ କୁମାର ସାହୁ, ଗୁଲବ ଦାଶ, ସୁନିତା ଟୁଡୁ, ସଂଗ୍ରାମ ଧରୁଆ, ଚତୁର୍ଭୁଜ, ପଞ୍ଚା, ସର୍ଜନ, କାହ୍ନା,ସୁଶାନ୍ତ, ସୁନିଲ, ତରୁଣ, ଜୟ ପ୍ରକାଶ, ଆକାଶ କାର୍ଯ୍ୟକ୍ରମ ଆୟୋଜନରେ ସାମିଲ ହୋଇ ବିଶେଷ ଭୂମିକା ନିର୍ବାହ କରିଥିଲେ ।



ଡୁଙ୍ଗୁରିପାଲି ସହରରେ ଷ୍ଟେଟବ୍ୟାଙ୍କ କର୍ମଚାରୀଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ ।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ



ମୁର୍ଷୁଣ୍ଡିରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ।

ଅମରପାଲି,୧।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁର୍ଷୁଣ୍ଡୀ ଜନସେବା କେନ୍ଦ୍ର ତରଫରୁ ହୋଇଥିବା କାର୍ଯ୍ୟକ୍ରମ ଅକୃର ନାଏକଙ୍କ ତତ୍ତ୍ୱାବଧାନରେ ହୋଇଥିଲା । କାର୍ଯ୍ୟକ୍ରମରେ ମୁର୍ଷୁଣ୍ଡୀ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ମେଡିକାଲ ଅଫିସର ଶିବାନନ୍ଦ ଚାଉଲିଆ, ଡା. ନିରୁପମା ମହାପାତ୍ର, ପୁରୁଷ ସ୍ୱାସ୍ଥ୍ୟକର୍ମୀ ଗିରିଧାରୀ ସାହୁ ଓ ସରୋଜ କୁମାର ସାହୁ, ସିଏସସି ଇ -ଗଭର୍ଣ୍ଣାନ୍ସ ସୁବର୍ଣ୍ଣପୁରର ଜିଲା ସଂଯୋଜକ ରଜନୀ ରଞ୍ଜନ ସାହୁ, ବିଭିନ୍ନ ଜନସେବା କେନ୍ଦ୍ରର ଅଧିକାରୀ ଏବଂ ସ୍ୱେଚ୍ଛାସେବୀ ମାନେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ସମଗ୍ର ଦେଶକୁ ସ୍ୱଚ୍ଛତାର ଦେଶ ଭାବେ ଗଢି ତୋଳିବାକୁ ଶପଥ ପାଠ କରିଥିଲେ । ଏକ ସାର୍ବଜନିନ ସାମୁହିକ ସଫେଇ ଭାରତୀୟ ଷ୍ଟେଟ ବ୍ୟାଙ୍କ ଓ ସରକାରୀ ଡାକ୍ତରଖାନା ପରିସରରେ କରାଯାଇଥିଲା । ସେହିପରି ବାଗବର ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିପିଏଲଏଫ ସଭାନେତ୍ରୀ ସସ୍ମିତା ଦାସ, ଏମବିକେ ସସ୍ମିତା ମିଶ୍ର,ସମସ୍ତ ସିଆରପି, ଇସି ସଭ୍ୟା ଯୋଗଦେଇ ସଫେଇ କରିଥିଲେ । ଅମରପାଲି ସରକାରୀ ୟୁପି ସ୍କୁଲରେ ପ୍ରଧାନଶିକ୍ଷକ ଦୁଃଖିଶ୍ୟାମ ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗଦେଇ ସଫେଇ କରିଥିଲେ ।

## ନୂତନ ବିଡ଼ିଓଙ୍କ ଯୋଗଦାନ

ଡୁଙ୍ଗୁରିପାଲି,୧।୧୦(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକରେ ନୂତନ ବିଡ଼ିଓ ଭାବେ ରୋହିତ ଭୋଇ ଶୁକ୍ରବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ପୂର୍ବରୁ ସେ ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକର ତହସିଲଦାର ଥିଲେ । ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ଯେପରି ଜନସାଧାରଣ ପାଇପାରିବେ ସେଥିପ୍ରତି ଦୃଷ୍ଟି ଦେବେ ବୋଲି ସେ ଏହି ଅବସରରେ କହିଛନ୍ତି । ନୂତନ ଭାବେ ଯୋଗ ଦେଇଥିବା ବିଡ଼ିଓ ଭୋଇ ପୂର୍ବରୁ ରାମପୁର ଅତିରିକ୍ତ ତହସିଲଦାର ଥିଲେ । ଏଠାରେ ଥିବା ବିଡିଓ ତ୍ରିପୁର ମହାନନ୍ଦଙ୍କୁ ବରଗଡ ଜିଲା ଭେଡେନ ବ୍ଲକକୁ ବଦଳି ହୋଇଛି ।

# ସାଇବର ସୁରକ୍ଷା ଅଭିଯାନ ରଥକୁ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ

ବୌଦ୍ଧ,୧।୧୦(ଅଜିତ କୁମାର ବାରିକ )

ରାଜ୍ୟରେ ସାଇବର ଅପରାଧ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ବେଳେ ସରକାର ଏନେଇ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି । ସାଇବର ଅପରାଧ ନେଇ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ରାଜ୍ୟ ପୋଲିସ ପକ୍ଷରୁ ରାଜ୍ୟ ଭ୍ରମଣରେ ବାହାରିଥିବା ସାଇବର ସୁରକ୍ଷା ଅଭିଯାନ ରଥକୁ ବୌଦ୍ଧ ଜିଲାରେ ରବିବାର ଦିନ ସ୍ୱାଗତ କରାଯାଇଛି । ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ,ଏସ୍‌ପି ରାଜପ୍ରସାଦ,ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ଉପଜିଲାପାଳ ରବିନ୍ଦ୍ର ନାଥ କହଁର, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହଙ୍କ ସମେତ ଜିଲା ପୋଲିସର ସମସ୍ତ ପଦାଧିକାରୀ ଓ କର୍ମଚାରୀ ଏହି ରଥକୁ ସ୍ୱାଗତ କରିଥିଲେ । ଏହି ରଥ ବୌଦ୍ଧ ଜିଲାରେ ଭ୍ରମଣ କରିବା ସହିତ ସାଇବର ଅପରାଧ ନେଇ ସଚେତନତା ବାର୍ତ୍ତା ପ୍ରଦାନ କରିବ ବୋଲି ଜଣାଯାଇଛି ।



ସାଇବର ସୁରକ୍ଷା ଅଭିଯାନ ରଥକୁ ଜିଲାପାଳ ଓ ଏସ୍‌ପି ସ୍ୱାଗତ କରୁଛନ୍ତି ।

# ସୁବର୍ଣ୍ଣପୁରରେ ସାଇବର ସୁରକ୍ଷା ରଥକୁ ସ୍ୱାଗତ

ସୋନପୁର,୧।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସାଇବର ଅପରାଧୀଙ୍କ ଠାରୁ ଜନସାଧାରଣ, ଛାତ୍ରୀଛାତ୍ର ସୁରକ୍ଷିତ ରହିବା ପାଇଁ ସରକାର ସାଇବର ସୁରକ୍ଷା ଅଭିଯାନର ଶୁଭାରମ୍ଭ କରିଛନ୍ତି । ଏହି କ୍ରମରେ ସାଇବର ସୁରକ୍ଷା ରଥ ସଚେତନତାର ବାର୍ତ୍ତା ପ୍ରଦାନ କରିବା ପାଇଁ ଭୁବନେଶ୍ୱରରୁ ଆସି ରବିବାର ସୁବର୍ଣ୍ଣପୁରରେ ପହଞ୍ଚିଛି । ଜିଲାକୁ ପ୍ରବେଶ କରିବା ପରେ ରଥକୁ ତେଲନଦୀ ବ୍ରିଜ୍ ନିକଟରେ ବିପୁଳ ସ୍ୱାଗତ କରାଯାଇଥିଲା । ପୋଲିସ ଓ ଏନସିସି ପକ୍ଷରୁ ରଥକୁ ଏକ ଶୋଭାଯାତ୍ରାରେ ନୂତନ ଟାଉନ ହଲ ପର୍ଯ୍ୟନ୍ତ ଅଣାଯାଇଥିଲା । ଜିଲାପାଳ ବିମଳେନ୍ଦୁ ରାୟ, ଏସ୍‌ପି ଅମରେଶ କୁମାର ପଣ୍ଡା, ଜନସାଧାରଣ, ବରିଷ୍ଠ ନାଗରିକ ଓ ଜିଲା ପୋଲିସ ପକ୍ଷରୁ ସାଇବର ସୁରକ୍ଷା ରଥକୁ ସ୍ୱାଗତ କରାଯାଇଥିଲା । ପରେ ଟାଉନ ହଲ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ସାଇବର ଅପରାଧର ମାତ୍ରା ଏବେ ଚିନ୍ତାଜନକ ଭାବେ ବୃଦ୍ଧି ପାଇଛି । ସଚେତନତା ଓ ସତର୍କତା ଏହାକୁ ରୋକିବାର ଏକ ପ୍ରମୁଖ ଉପାୟ ବୋଲି ଜିଲାପାଳ ରାୟ ଓ ଏସ୍‌ପି ପଣ୍ଡା ଜିଲାବାସୀଙ୍କୁ ଆହ୍ୱାନ ଦେଇଥିଲେ । ଜିଲାର ମୋଟ ୯ଟି ଥାନା ଅଞ୍ଚଳରେ ଏହି ରଥ ଗାନ୍ଧୀ ଜୟନ୍ତୀ ସୋମବାରଠାରୁ ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ପରିକ୍ରମା କରିବ । ସ୍କୁଲ ଓ କଲେଜରେ ଛାତ୍ରୀଛାତ୍ର ଏବଂ ଗାଁ ଓ ସହରର ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରିବ । ମୋବାଇଲରେ କୌଣସି ଅଜଣା ଲିଙ୍କ୍‌କୁ କ୍ଲିକ୍ ନ କରିବା, ନିଜର ଓଟିପି କାହାକୁ ନ ଦେବା, ଅଜଣା ବ୍ୟକ୍ତିଙ୍କ ଫ୍ରେଣ୍ଡ ରିକ୍ୱେଷ୍ଟ ଆସେପ୍ଟ କରିବା ପୂର୍ବରୁ ଭଲ ଭାବେ ତନଖି କରିବା ଓ ଅଜଣା ସୋର୍ସରୁ ଅନଲାଇନ ଋଣ ଗ୍ରହଣ ନ କରିବାକୁ ପରାମର୍ଶ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହେମନ୍ତ ପାଢ଼ୀ, ବୀରେନ୍ଦ୍ର ନାୟକ, ଡିଏସ୍‌ପି ପ୍ରତାପ ରଣା, ଚନ୍ଦ୍ର ଶେଖର ଶବର, ରେଣୁକା ସୁନା, ବୀରମହାରାଜପୁର ଏସଡିପିଓ ବାସୁଦେବ ଛତ୍ରିଆ, ଜିଲାର ସମସ୍ତ ୯ଟି ଥାନାର ଆଇଆଇସି ଓ ଜନସାଧାରଣ ସାମିଲ ହୋଇଥିଲେ ।



ରଥକୁ ସୁବର୍ଣ୍ଣପୁର ଜିଲାପାଳ ଓ ଏସ୍‌ପି ସ୍ୱାଗତ କରୁଛନ୍ତି ।

## ସଂକ୍ଷେପରେ

### ୫ ବରିଷ୍ଠ ବ୍ୟକ୍ତି ସମ୍ମାନିତ



**ଦେବଗଡ଼, ୧।୧୦(ଶଶାଙ୍କ ଶେଖର ଝାଙ୍କର) :** ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ଦେବଗଡ଼ ଜିଲାରେ ୮୦ରୁ ଉର୍ଦ୍ଧ୍ୱବୟସ୍କ ୫ ଜଣ ବରିଷ୍ଠ ମତଦାତା ବ୍ୟକ୍ତିଙ୍କୁ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସରେ ଜିଲାସ୍ତରୀୟ ଅଧିକାରୀ ମାନେ ତାଙ୍କ ଘରକୁ ଯାଇ ସମ୍ମାନିତ କରିଛନ୍ତି। ଗଙ୍ଗାଧର ସାହୁ (୧୦୧) ଙ୍କୁ ଉପଜିଲାପାଳ ପରକ୍ଷିତ ସାହୁ, ରାଣୀଗୋଲା ହରବତି ନାଏକ (୧୦୪)ଙ୍କୁ ତିଲେଇବଣୀ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିଦ୍ଧା, ରାମଚନ୍ଦ୍ର ପ୍ରଧାନ (୧୦୧)ଙ୍କୁ ବାରକୋଟ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତି ରଞ୍ଜନ ସାହୁ, ବିଶିକେସନ ପ୍ରଧାନ (୧୦୧)ଙ୍କୁ ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟ ଶଙ୍କର ଜୟପୁରିଆ, ଖଗ ବସନ୍ତରା(୧୦୧)ଙ୍କୁ ରିଆମାଳ ବ୍ଲକ ତହସିଲଦାର ତାଙ୍କ ଘରକୁ ଯାଇ ଆନ୍ତର୍ଜାତିକ ଦିବସରେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ରାଜସ୍ୱ ସହାୟକ ସୌମିତ୍ରି ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

### ବିଦ୍ୟାଳୟ ପ୍ରତିଷ୍ଠାତା ସଭ୍ୟଙ୍କ ବିୟୋଗରେ ଶୋକସଭା

**ସମ୍ବଲପୁର, ୧। ୧୦ ( ଶୁଭାଶିଷ ପାଢ଼ୀ):** ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକର ଜଣେ ନିଷ୍ଠାବାନ ଶିକ୍ଷକ, ସାମାଜିକ କର୍ମୀ ବୀର ସୁରେନ୍ଦ୍ର ସାଏ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବରଗାଁର ପ୍ରତିଷ୍ଠାତା ସଦସ୍ୟ ଦେବପ୍ରସାଦ ପାଣିଗ୍ରାହୀଙ୍କ ଗତ ଶୁକ୍ରବାର ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ଏହାକୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଗୋପିରଞ୍ଜନ ବେହେରା ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ତା' ସହିତ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁଭାଷ ପାଣିଗ୍ରାହୀ ଶୋକ ପ୍ରକାଶ କରିଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରବିନ୍ଦ ପାଣିଗ୍ରାହୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶୋକସଭାରେ ରାମନିବାସ ସାହୁ, ଚିତ୍ତରଞ୍ଜନ ପୂଜାରୀ, ହିମାଂଶୁ ଶେଖର ପଧାନ, ଲଳିତ ମୋହନ ଶତପଥୀ, ଶ୍ୟାମ କୁମର ବେହେରା, ଶ୍ୟାମ ମିରିଗ, ଦେବାନନ୍ଦ ବର୍ଗତ୍ତି, ସଞ୍ଜୟ କୁମାର ସାହୁ ଉପସ୍ଥିତ ଥିଲେ।

### ପତିତପାବନ ସାହିତ୍ୟ ସଂସଦର ନୂତନ କର୍ମକର୍ତ୍ତା

**ଦେବଗଡ, ୧।୧୦(ଶଶାଙ୍କଶେଖର ଝାଙ୍କର):** ଦେବଗଡ ଜିଲାର ଅନ୍ୟତମ ଅଗ୍ରଣୀ ସାହିତ୍ୟାନୁଷ୍ଠାନ ବାରକୋଟ ବ୍ଲକ କଣ୍ଡଳ ଗ୍ରାମର ପତିତପାବନ ସାହିତ୍ୟ ସଂସଦର ନୂତନ କର୍ମକର୍ତ୍ତା ମନୋନୟନ ହୋଇଯାଇଛି। ପତିତପାବନ ସାହିତ୍ୟ ସଂସଦ ପାଠାଗାରଠାରେ ଆୟୋଜିତ କର୍ମକର୍ତ୍ତା ମନୋନୟନରେ ସଭାପତି ଭାବେ ଅନିରୁଦ୍ଧ ନାୟକ, ଉପସଭାପତି ଜଗଦୀଶ ସାମଲ,ସମ୍ପାଦକ ହରିହର ସାହୁ, ସହ ସମ୍ପାଦକ ଡିଲେଶ୍ୱର ସାହୁ, କୋଷାଧ୍ୟକ୍ଷ ନିରଞ୍ଜନ ସାହୁଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଭାବେ ଶଶୀ ଭୂଷଣ ପ୍ରଧାନ(କ)ଓ ଶଶୀଭୂଷଣ ପ୍ରଧାନ(ଖ), ଟିକେଶ୍ୱର ସାହୁ, ରମାକାନ୍ତ ପ୍ରଧାନ, କ୍ଷମାନିଧି ସାହୁ, ତୋଫାନ କୁମାର ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା ।

### ମାତୃଶକ୍ତି ଶୀର୍ଷକ ଆଲୋଚନା ଚକ୍ର

**ସମ୍ବଲପୁର,୧।୧୦(ବି.ଶଙ୍କର):** ସିଦ୍ଧେଶ୍ୱରୀ ଧର୍ମ ସଂସଦ ପକ୍ଷରୁ ମାତୃଶକ୍ତି ଶୀର୍ଷକ ଆଲୋଚନାଚକ୍ର ରବିବାର ସମ୍ବଲପୁର ସ୍ଥିତ ସାର୍ବଜନୀନ ଗ୍ରନ୍ଥାଗାର ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଗୋପିନାଥ ଷଡଙ୍ଗୀ ସଭାପତିତ୍ୱ କରିଥିଲେ। ସ୍ୱୀକାର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ମୁଖ୍ୟ ଅତିଥି, ଏନଏସି ମହାବିଦ୍ୟାଳୟର ଅର୍ଥନୀତି ଅଧ୍ୟାପକ ସୋମନାଥ ବିଶ୍ୱାଳ ସମ୍ମାନିତ ଅତିଥି, ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ଓଡିଆ ବିଭାଗୀୟ ମୁଖ୍ୟ ଅଖିଳ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ମାତୃଶକ୍ତିର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରିଥିଲେ। କବୟିତ୍ରୀ ମମତା ନାଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଂସଦ ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କବିମାନେ ମାତୃଶକ୍ତି ଉପରେ ସ୍ୱରଚିତ କବିତା ପାଠ କରିଥିଲେ।

# ଚାଲାଣ ୨ ନାବାଳିକା ଗୁଜରାଟରୁ ମିଳିଲେ

**ଦେବଗଡ଼, ୧।୧୦ (ଶଶାଙ୍କ ଶେଖର ଝାଙ୍କର)**

ଜୁଲାଇ ମାସରୁ ନିଖୋଜ ଥିବା ବାରକୋଟ ବ୍ଲକର ୨ ନାବାଳିକାଙ୍କୁ ଗୁଜରାଟର କୁଛ ଜିଲାର ଭୁଜ ସହରରୁ ଉଦ୍ଧାର କରି ନିଜ ଜିଲାକୁ ଫେରାଇ ଆଣିବାରେ ସଫଳ ହୋଇପାରିଛି ଦେବଗଡ ଶିଶୁ ସୁରକ୍ଷା ବିଭାଗ। ସୂଚନା ଅନୁଯାୟୀ, ଜୁଲାଇରେ ୨ ନାବାଳିକା ନିରୁଦ୍ଦିଷ୍ଟ ହେବାପରେ ସେମାନଙ୍କ ପରିବାରବର୍ଗ ଅନେକ ଖୋଜାଖୋଜି କରିଥିଲେ ହେଁ ସେମାନଙ୍କ କୌଣସି ସନ୍ଧାନ ପାଇ ନ ଥିଲେ। ଅଗଷ୍ଟ ୬ରେ ଉଭୟ ନାବାଳିକାଙ୍କ ପରିବାରବର୍ଗ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କୁ ଲିଖିତ ଭାବେ ଜଣାଇ ସେମାନଙ୍କୁ ଉଦ୍ଧାର କରିବା ପାଇଁ ଅନୁରୋଧ କରିଥିଲେ। ଅଭିଯୋଗ ପାଇବା ପରେ ଡିସିପିଓ ମହାପାତ୍ର, ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁ, ଦେବରଞ୍ଜନ ପ୍ରଧାନ ଓ ଜିତା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଂଯୋଜକ ରୂପେଶ ବେହେରା ନାବାଳିକାଙ୍କ ଗ୍ରାମକୁ ଯାଇ ଘଟଣାର ତଦନ୍ତ କରିଥିଲେ। ତଦନ୍ତରୁ ଜଣାପଡିଥିଲା କି, ବାରକୋଟ ବ୍ଲକ କାଳିଆପାଳ ପଞ୍ଚାୟତର ଏକ ଦମ୍ପତି ୨ ନାବାଳିକାଙ୍କ ମା' ବାପାଙ୍କୁ ପ୍ରଲୋଭିତ କରି ସେମାନଙ୍କୁ ଗୁଜରାଟ ନେଇଥିଲେ। ହେଲେ କିଛିଦିନ ପରେ ସେମାନେ ଚତୁରତାର ସହ ନିଜ ଫୋନ ନମ୍ବର ବଦଳେଇ ଦେଇଥିଲେ। ସେମାନେ ୨ ନାବାଳିକାଙ୍କୁ ଘର କାମରେ ନିୟୋଜିତ କରିବା ସହିତ କଥା ନ ମାନିଲେ ମାଡଗାଳି ସାଙ୍ଗକୁ ସେମାନଙ୍କୁ ଯୌନ ନିର୍ଯାତନା ଦେଉଥିଲେ। ପରିବାରବର୍ଗଙ୍କଠାରୁ ଅଭିଯୋଗ ପାଇ ତଦନ୍ତ ରିପୋର୍ଟ ଅନୁଯାୟୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମହାପାତ୍ର କୁଛ ଜିଲାର ଡିସିପିଓଙ୍କ ସଙ୍ଗେ ଯୋଗାଯୋଗ କରିଥିଲେ। ଗୁଜରାଟ ପୋଲିସ ସହାୟତାରେ ଦମ୍ପତିଙ୍କ ଘରୁ ୨ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଦମ୍ପତିଙ୍କୁ କୁଛ ଥାନାରେ ଅଟକ ରଖାଯାଇଛି।

## ଦେବଗଡ ପୌରାଞ୍ଚଳରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ



ସ୍ୱଚ୍ଛାତା କ୍ରମରେ ଉପସ୍ଥିତ ବିଭିନ୍ନ ଅଧିକାରୀ ଓ ଅନ୍ୟମାନେ।

**ଦେବଗଡ,୧।୧୦(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ପୌରାଞ୍ଚଳରେ ରବିବାର ସ୍ୱଚ୍ଛତା ହିଁ ସେବା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛ ଭାରତ ଅଭିଯାନର ୯ ବର୍ଷ ପୂର୍ତ୍ତି ଅବସରରେ ପୂର୍ବାହ୍ନ ୧୦ ଟାରୁ ୧୧ ଟା ପର୍ଯ୍ୟନ୍ତ ସମଗ୍ର ଦେଶରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ପାଳିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ସାଧାରଣ ଲୋକେ ଅକ୍ଟୋବର ୧ ରେ ଏକ ଘଣ୍ଟା ପାଇଁ ସ୍ୱଚ୍ଛତା ଦିଗରେ ସାମୂହିକ ଶ୍ରମ ଦାନ କରିଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ମଧ ଅନୁରୂପ ଭାବେ ଏହିକାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଭିନ୍ନ ବିଭାଗର ସରକାରୀ ଅଧିକାରୀ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ। ହାତରେ ଛାଡୁ ଧରି ବସ୍‌ଷ୍ଟାଣ୍ଡ, ପ୍ରଧାନପାଟ ଜଳପ୍ରପାତ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଫାସୁତୁରା କରିଥିଲେ। ଏଥିସହ ସବୁବେଳେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ସ୍ଥାନୀୟ ଦୋକାନୀ ଏବଂ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ପ୍ରତି ପଞ୍ଚାୟତ ସ୍ତରରେ ମଧ ଏହି ଅଭିଯାନ କାର୍ଯ୍ୟକାରୀ ହୋଇଥିବା ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପରକ୍ଷୀତ ସାହୁ, ପୌର ପରିଷଦ ଅଧକ୍ଷା ଶାନ୍ତି ମଞ୍ଜରୀ ଦେଇ, ଉପାଧକ୍ଷ ପ୍ରଜିତ କୁମାର ଭୋଜ, ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ନାୟକ, ଜିଲା ମଙ୍ଗଳ ଅଧିକାରୀ ବିଭୂରଞ୍ଜନ ମହାନ୍ତି, ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟରଞ୍ଜନ ରାଉତ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୋଦ ସିଂ ଓ ପୌର ପରିଷଦର କାଉନସିଲର ସଂଯୁକ୍ତା ଆଚାର୍ଯ୍ୟଙ୍କ ସମେତ ଜିଲା ପ୍ରଶାସନର ବହୁ ଅଧିକାରୀ, କର୍ମଚାରୀ, କଲେଜ ଛାତ୍ରୀଛାତ୍ର ପ୍ରମୁଖ ସାମିଲ ହୋଇ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ସଫାସୁତୁରା କରିବା ସହ ଲୋକଙ୍କୁ ସଚେତନ କରାଇଥିଲେ।

## ତ୍ରିଦିବସୀୟ ଫୁଟବଲ: ଆରିୟନ ସ୍ପୋର୍ଟିଂ ଚାମ୍ପିୟନ




ଚାମ୍ପିୟନ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

**ଦେବଗଡ, ୧।୧୦(ଶଶାଙ୍କଶେଖର ଝାଙ୍କର)**

ଦେବଗଡ ଜିଲା ବାରକୋଟ ବ୍ଲକ ବାଲିନାଳି ଗ୍ରାମରେ ବାପୁଜୀ କ୍ଲବ ଆନୁକୂଲ୍ୟରେ ଗତ ୨୯ ତାରିଖଠାରୁ ଚାଲିଥିବା ତ୍ରିଦିବସୀୟ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଦେବଗଡ ଜିଲା କୁଶପଙ୍ଗା ଫୁଟବଲ ଆସୋସିଏଶନ ଓ ସମ୍ବଲପୁରର ଆରିୟନ ସ୍ପୋର୍ଟିଂ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। କୁଶପଙ୍ଗାକୁ ପରାସ୍ତ କରି ସମ୍ବଲପୁରର ଆରିୟନ ସ୍ପୋର୍ଟିଂ ଚାମ୍ପିୟନ ହୋଇଥିଲା। ଆୟୋଜକ ବାପୁଜୀ କ୍ଲବ ସଭାପତି ଦୁର୍ଯ୍ୟୋଧନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶାଳ, ମୁଖ୍ୟବକ୍ତାଭାବେ ହୀରାଲାଲ ସାହୁ, ସମ୍ମାନୀତ ଅତିଥିଭାବେ ଆନନ୍ଦ ଚରଣ ପ୍ରଧାନ ଓ ସୁରେଶ ଚନ୍ଦ୍ର ସାହୁ ଯୋଗଦେଇ ସମ୍ବଲପୁରର ଆରିୟନ ସ୍ପୋର୍ଟିଂକୁ ଟ୍ରଫି ସହିତ ନଗଦ ୨୫୦୨୫ ଟଙ୍କା ଓ ରନର୍ସ ଅପ କୁଶପଙ୍ଗା ଫୁଟବଲ ଆସୋସିଏଶନକୁ ଟ୍ରଫି ସହିତ ନଗଦ ୨୦୦୨୦ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ବାପୁଜୀ କ୍ଲବ ସମ୍ପାଦକ ହେମନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବର ଉପସଭାପତି ଦୁଷ୍ମନ୍ତ ସାହୁ, କୋଷାଧକ୍ଷ ଦିବ୍ୟ ସାହୁ, ଉପଦେଷ୍ଟା ଅନନ୍ତ ସାହୁ ଓ ସଦସ୍ୟ ମଳୟ କୁମାର ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ସକ୍ରୀୟ ସହଯୋଗ କରିଥିଲେ।

## ସୁଜିତ ହେଲେ ଜୟଦୁର୍ଗା ଆଞ୍ଚଳିକ କୃଷକ ସଙ୍ଗଠନ ସଭାପତି

**ସମ୍ବଲପୁର, ୧।୧୦(ଶୁଭାଶିଷ ପାଢ଼ୀ) :** ସମ୍ବଲପୁର ବରେଇପାଲି ଆରଏମସିରେ ଜୟଦୁର୍ଗା ଆଞ୍ଚଳିକ କୃଷକ ସଙ୍ଗଠନର ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ସୁଜିତ ବଡ଼େଇ ନିର୍ବାଚିତ ହୋଇଛନ୍ତି। ସେ ୨ଖଣ୍ଡ ଭୋଟ ବ୍ୟବଧାନରେ ଅଶ୍ୱିନୀ ପୃଷେଠଙ୍କୁ ହରାଇଛନ୍ତି। ଅଶ୍ୱିନୀ ପୃଷେଠ ୪ଥର ସଭାପତି ଥିବାବେଳେ ସୁଜିତ ପ୍ରଥମ ଥର ନିର୍ବାଚିତ ହୋଇଛନ୍ତି। ଅଞ୍ଚଳର ଚାଷୀମାନଙ୍କର ବିଭିନ୍ନ ସମସ୍ୟା ଦୂରୀଭୂତ କରିବା ପାଇଁ ଚେଷ୍ଟା କରିବା ସହ କଟନୀ ଛଟନୀକୁ ମଧ ବିଶେଷ ଭାବେ ଧ୍ୟାନ ଦେବି ବୋଲି ସୁଜିତ କହିଛନ୍ତି। ନିର୍ବାଚନରେ ବିଜୟୀ ହେବାପରେ ଯୁବ ବିଜେଡି ଜିଲା ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ମଞ୍ଜୁ ଓରାମ, ଦୀପକ ବଡେଇ, ଉତ୍ତମ ବାଗ, ବିନୋଦ ଓରାମ, ରିକନ ବିଶ୍ୱାଳ, ଏମ. ଗୋବିନ୍ଦୁ, ଭୈରବ ପ୍ରଧାନ, ରଞ୍ଜିତ ପୃଷେଠ, କେ. ରବି କୁମାର, ବିଶିକେଶନ ଓରାମ, ବୁଲୁ ନାୟକ ପ୍ରମୁଖ ସମର୍ଥନ କରିବା ସହ ଶୁଭେଚ୍ଛା, ଶୁଭକାମନା ଜଣାଇଥିଲେ।

## ସ୍କ୍ରବ୍ ଟାଇଫସ୍ ସ୍ଥିତି ଅନୁଧ୍ୟାନ କଲେ କେନ୍ଦ୍ରୀୟ ଟିମ୍



ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷରେ କେନ୍ଦ୍ରୀୟ ଟିମ୍‌ର ଆଲୋଚନା।

**ବରଗଡ଼,୧।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲାରେ ସ୍କ୍ରବ୍ ଟାଇଫସ୍ ରୋଗୀଙ୍କ ସଂଖ୍ୟା ବଢିଚାଲିଛି। ଏହି ରୋଗରେ ଜିଲାରେ ବର୍ତ୍ତମାନ ସୁଦ୍ଧା ୭ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସେହିପରି ୧୭୭୫ ଜଣଙ୍କ ପରୀକ୍ଷା ହୋଇଥିବାବେଳେ ସେଥିମଧ୍ୟରୁ ୮୯ ଜଣଙ୍କ ରିପୋର୍ଟ ପଜିଟିଭ୍ ଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ବରଗଡ଼ ଜିଲାରେ ସ୍କ୍ରବ୍ ଟାଇଫସ୍ ରୋଗର ବ୍ୟାପକତା ସାମ୍ନାକୁ ଆସିବା ପରେ ରବିବାର ୪ଜଣିଆ କେନ୍ଦ୍ରୀୟ ଟିମ୍ ପହଞ୍ଚି ଏହାର ଅନୁଧ୍ୟାନ କରିଛନ୍ତି। ଏହି ଟିମ୍‌ରେ ଡା. ସମୀର ଗୁଲାଟି (ପ୍ରଫେସର, ମେଡିସିନ, ଏଲ୍‌ଏଚ୍‌ଏମ୍‌ସି ଏବଂ ଏସ୍‌ଏସ୍‌କେଏଚ୍, ନୂଆଦିଲ୍ଲୀ), ଡା. ତୁଷାର ନାଲେ (ଡେପୁଟି ଡାଇରେକ୍ଟର, ପବ୍ଲିକ ହେଲ୍‌ଥ ସ୍ପେଶାଲିଷ୍ଟ, ସେଣ୍ଟର ଫର୍ ୱାନ୍ ହେଲ୍‌ଥ, ନ୍ୟାଶନାଲ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ, ଦିଲ୍ଲୀ), ଡା. ଡି. ବି. ଶାହ (ଆସିଷ୍ଟାଣ୍ଟ ଡାଇରେକ୍ଟର, ମାଇକ୍ରୋ ବାୟୋଲୋଜି, ଆଇଡିଏସ୍‌ପି, ନ୍ୟାଶନାଲ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ, ଦିଲ୍ଲୀ), ଡା. ଆରୁଷି ଘାଇ (ଇଆଇଏସ୍ ଅଫିସର, ଆଇଡିଏସ୍‌ପି, ନ୍ୟାଶନାଲ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ, ଦିଲ୍ଲୀ) ପ୍ରମୁଖ ରହିଛନ୍ତି। ସେମାନଙ୍କ ସହିତ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅନ୍ୟ ୨ଜଣ ସାମିଲ ହୋଇଛନ୍ତି। ଏହି ଟିମ୍ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ସେମାନେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସାଧୁଚରଣ ଦାଶଙ୍କ ସହ ସ୍କ୍ରବ୍ ଟାଇଫସ ଉପରେ ଆଲୋଚନା ଏବଂ ସମୀକ୍ଷା କରିଥିଲେ। ଏହା ପୂର୍ବରୁ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟରୁ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଏବଂ ଭିମ୍‌ସାରର ଅନ୍ୟ ଏକ ଟିମ୍ ଜିଲାରେ ସ୍କ୍ରବ୍ ଟାଇଫସ୍ ରୋଗର ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି ।

## ତୃତୀୟ ଶ୍ରେଣୀ ଡାକ କର୍ମଚାରୀ ସଂଘର ସମ୍ମିଳନୀ

**ସମ୍ବଲପୁର,୧।୧୦(ବି.ଶଙ୍କର):** ଅଖିଳ ଭାରତ ତୃତୀୟ ଶ୍ରେଣୀ ଡ଼ାକ କର୍ମଚରୀ ସଂଘ ସମ୍ବଲପୁର ଡ଼ିଭିଜନର ୪୨ତମ ସମ୍ମିଳନୀ ରବିବାର ସମ୍ବଲପୁର ସାଂସ୍କୃତିକ ସମାଜ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କର୍ମଚାରୀ ସଂଘର ସମ୍ବଲପୁର ଡିଭିଜନାଲ ସମ୍ପାଦକ ରୁପେଶ ବାଗ ଅଧକ୍ଷତା କରିଥିଲେ। ଆରଏମ ଡିଭିଜନାଲ ସମ୍ପାଦକ ବିଶ୍ୱଜିତ ନାଏକ ମୁଖ୍ୟ ଅତିଥି, ସଂଘର ସର୍କଲ ସଭାପତି ପ୍ରଦୀପ ରାଉତ, ସର୍କଲ ସମ୍ପାଦକ ରାଜେଶ ବହିଦାର ଯୋଗଦେଇ ଡାକ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଅଖିଳ ଭାରତ ତୃତୀୟ ଶ୍ରେଣୀ ଡ଼ାକ କର୍ମଚରୀ ସଂଘ ସମ୍ବଲପୁର ଡ଼ିଭିଜନର ୪୨ତମ ସମ୍ମିଳନୀରେ ସମ୍ବଲପୁର, ଦେବଗଡ଼ ଓ ବରଗଡ ଜିଲାର କର୍ମଚାରୀମାନେ ଉପସ୍ଥିତ ଥିଲେ। ଶେଷରେ ସଂଘର ଡିଭିଜନାଲ ସହକାରୀ ସମ୍ପାଦକ ମହେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀରେ କର୍ମଚାରୀଙ୍କ କ୍ଷେତ୍ରରେ ପୁରୁଣା ପେନସନ ଯୋଜନା ଲାଗୁ କରିବା ନେଇ, ଦରଦାମ ବୃଦ୍ଧିକୁ କିପରି ରୋକାଯାଇ ପାରିବ ସେନେଇ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହାସହ ଡାକ କର୍ମଚାରୀଙ୍କ ବିଭିନ୍ନ ଦାବି ଉପରେ ଆଲୋଚନା ହୋଇଥିଲା ।




## ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ

**ଦେବଗଡ,୧।୧୦(ଶଶାଙ୍କ ଶେଖର ଝାଙ୍କର) :** ଜିଲା ପ୍ରଶାସନ ଓ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସ୍ଥାନୀୟ ସେଣ୍ଟର ଫର କଲଚର ଠାରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପଣ୍ଡା, ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ଅପୂର୍ଣ୍ଣା ଚୌଧୁରୀ, ବରିଷ୍ଠ ନାଗରିକ ସଭାପତି ପ୍ରଫୁଲ୍ଲ ମହାପାତ୍ର ଓ ଜିଲା ସମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଅତିରିକ୍ତ ଜିଲାପାଳ ବିଲୁଙ୍ଗ ୩ ବ୍ଲକରୁ ଆସିଥିବା ବରିଷ୍ଠ ନାଗରିକ ପାଇଁ ଆଇନଗତ ସହାୟତା ଏବଂ ସରକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ମାତାପିତା ଓ ବରିଷ୍ଠ ନାଗରିକ ଭରଣ ପୋଷଣ କଲ୍ୟାଣ ଆଇନ ଉପରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ବରିଷ୍ଠ ନାଗରିକ ପାଇଁ କୋର୍ଟ କାର୍ଯ୍ୟାଳୟରେ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଲିଖିତ ଭାବେ ଜଣାଇ ପାରିବେ ବୋଲି କହିଥିଲେ। ଏହି ଦିବସ ଉପଲକ୍ଷେ ପୂର୍ବରୁ କରାଯାଇଥିବା ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ପରେ ନାଟକ ମାଧ୍ୟମରେ ସଚେତନତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରାଣବନ୍ଧୁ ଘୋଡ଼େଇ ପ୍ରାରମ୍ଭିକ ସୂଚନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ

### ସିଏମଏ ଇଣ୍ଟରରେ କୃତିତ୍ୱ ହାସଲ କରିଥିବା ରାହୁଲ ସମ୍ବର୍ଦ୍ଧିତ




କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଅର୍କକୁମାର ଦାସମହାପାତ୍ର ବକ୍ତବ୍ୟ ପ୍ରଦାନ କରୁଛନ୍ତି।

**ସମ୍ବଲପୁର,୧।୧୦(ବି.ଶଙ୍କର)**

ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ରବିବାର ସମ୍ବଲପୁର ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ଅଧକ୍ଷ ନିହାଲ ସିଂଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅର୍କ କୁମାର ଦାସମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କ ମହନୀୟ କାର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ରୁପାଞ୍ଜଳି ରଣବିଡା ସମ୍ମାନିତ ଅତିଥି, ବ୍ୟଙ୍ଗକବି ଗଦାଧର ନିଆଲ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟସ୍ତରୀୟ ସିଏମଏରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ରାହୁଲ ସାଗରିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ପିତାମାତା ଓ ଗୁରୁଙ୍କୁ ମଧ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ପରିଷଦର ଉପ ମହାସଚିବ ଶିବଶଙ୍କର ପ୍ରଧାନ, ଶେଖ ଇନ୍ତିଖାପ, ଜିଲା ଆବାହକ ଆଶିଷ ମହାନନ୍ଦ, ପରିଷଦର ସଭ୍ୟ ସୁରେଶ ବାଗ, ବଳରାମ ଭୋଇ, ନନ୍ଦିନୀ କାଣ୍ଡ, ସୁଜାତା ରାଉତ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପଶ୍ଚିମ ଓଡିଶା ଦଳିତ ସୁରକ୍ଷା ପରିଷଦର ମହାସଚିବ ମୋମିନା ଖାତୁନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଫୁଟବଲ ଟୁର୍ନାମେଣ୍ଟ: ରାଉରକେଲା ଚାମ୍ପିୟନ

**ଦେବଗଡ, ୧।୧୦(ଶଶାଙ୍କଶେଖର ଝାଙ୍କର)**

ଦେବଗଡ ଜିଲା ତିଲେଇବଣି ବ୍ଲକ ପାରପୋଷି ପଞ୍ଚାୟତ ଅନ୍ତର୍ଗତ ରୁକୁଡା ଗ୍ରାମରେ ମା' ତାରିଣୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଦୁଇଦିନିଆ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ମୋଟ ୧୬ଟି ଦଳକୁ ନେଇ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ କେ.ବଲାଣି ଫୁଟବଲ ଦଳକୁ ପରାସ୍ତ କରି ରାଉଲକେଲାର ଏନଏସି କନଷ୍ଟ୍ରକସନ ଫୁଟବଲ ଦଳ ଚାମ୍ପିୟନ ହୋଇଛି । ଆୟୋଜନ ଅନୁଷ୍ଠାନର ସୁରଜ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନୀତ ଅତିଥି ଭାବେ ପୌର ପରିଷଦ ଉପାଧକ୍ଷ ପ୍ରଜିତ କୁମାର ଭୋଜ, ଜିଲା ଭାଜପା ଉପସଭାପତି ଭାରତ ଭୂଷଣ ପ୍ରଧାନ, ସମ୍ପାଦକ ଅକାଲୁ ଧଳ ଓ ପୂର୍ବତନ ସରପଂଚ କୁଶ କିସାନ ଯୋଗଦେଇ ଚମ୍ପିୟାନ ରାଉଲକେଲାର ଏନଏସି କନଷ୍ଟ୍ରକସନ ଫୁଟବଲ ଦଳ ଓ ରନର୍ସ ଅପ କେ.ବଲାଣି ଫୁଟବଲ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ।




ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

## କ୍ରୀଡ଼ା ପ୍ରତିଭା ଚୟନ ଶିବିର ଉଦ୍‌ଯାପିତ

**ଦେବଗଡ,୧।୧୦(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ଜିଲା ଶିକ୍ଷା ବିଭାଗ ପକ୍ଷରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଶନିବାର ଜିଲା ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଭା ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଚୟନ ଶିବିରରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୋଦ ସିଂ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରିଣୀ ଶକୁନ୍ତଳା ଟେଟେ, ଉଆଁରା ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମାଧବ ବିଶ୍ୱାଳ ଓ ଗୋହିରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁମୁଦ ବନ୍ଧୁ ପୃଷ୍ଟି ପ୍ରମୁଖ ମଞ୍ଚାସୀନ ଥିଲେ। ୨ ଦିନ ଧରି ଚାଲିଥିବା ଏହି ଶିବିରରେ ଫୁଟ୍‌ବଲ୍, କବାଡି, ଦୌଡକୁଦ, ଉଚ୍ଚଡିଆଁ, ଲମ୍ବଡିଆଁ, ସଟପୁଟ, ଜାଭେଲିନ୍ ଥ୍ରୋ ଆଦି ଖେଳ ପାଇଁ ବ୍ଲକ ସ୍ତରରୁ ଚୟନ ହୋଇ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷା କ୍ରୀଡ଼ା ନିରୀକ୍ଷକ ପଦ୍ମଲୋଚନ ପ୍ରଧାନ, ରିଲେଇବଣ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଡିଲେଶ୍ୱର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ପ୍ରତିଯୋଗିତାକୁ ରୋହିତ ପ୍ରଧାନ, ଜୟନାରାୟଣ ସାହୁ, ଚିତ୍ତରଞ୍ଜନ ମହାପାତ୍ର, ରଞ୍ଜିତା ମିଶ୍ର, କୁନିତା ସାହୁ, ଟିକେଶ୍ୱର ସାହୁ, ମାନସ ରଞ୍ଜନ ଦାଶ ଓ ଶ୍ୟାମସୁନ୍ଦର ବେହେରା ପ୍ରମୁଖ ପରିଚାଳନା କରିଥିଲେ। ସୁଗୁଡା ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କାର୍ଯ୍ୟକ୍ରମ ପ୍ରାରମ୍ଭରେ କଂସର ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ବିରଞ୍ଚି ନାରାୟଣ ଦାଶ ଓ କ୍ରୀଡ଼ା ଶିକ୍ଷକ କରୁଣାକର ପାନ୍ନାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ଅଭିବାଦନ ସଞ୍ଚାଳନ କରିଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପାରପୋଷି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ସାହୁ, ଟାଇଁସର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ବ୍ରହ୍ମା, ଢୋଲପଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ବ୍ରହ୍ମା, ଧୋବଲିପଥର ହାଇସ୍କୁଲର ପ୍ରଧାନ ଶିକ୍ଷକ ଦୀନବନ୍ଧୁ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାରେ ମୋଟ ୪୦୬ ଜଣ ଛାତ୍ରୀ ଓ ୭୨ ଜଣ କ୍ରୀଡ଼ା ଶିକ୍ଷକ, ଶିକ୍ଷୟିତ୍ରୀ ସାମିଲ ଥିଲେ।




ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ।

